## ସଂକ୍ଷେପରେ

### ହନୁମାନ ମନ୍ଦିରରୁ ଚୋରି

**ବରୀ, ୧୩।୧୨ (ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର ମେଡିକାଲ ଛକରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଛି। ଏନେଇ ପୂଜା କମିଟିର ଅମିୟ କୁମାର ବେଉରିଆ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ମୂର୍ତ୍ତିରୁ ରୁପା ମୁକୁଟ (୯୦୦ଗ୍ରାମ), ସୁନା ଆଖି(୨ଟି), ସୁନା ଲକେଟ ଓ ଚିତା, ହାତଗଣ୍ଠି ଏବଂ ୭ ପିତଳ ବାସନ ନେଇ ଯାଇଛନ୍ତି। ଗୁରୁବାର ରାତିରେ ପୂଜକ ପୂଜା ସାରି ଘରକୁ ଯିବାପରେ ଏଭଳି ଘଟଣା ଘଟିଛି। ଶୁକ୍ରବାର ସକାଳେ ପୂଜକ ପୂଜା କରିବାକୁ ଆସିବାବେଳେ ତାଲା ଭଙ୍ଗାଯାଇ ମନ୍ଦିର ଭିତରେ ଥିବା ଅଳଙ୍କାର ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ବରୀ-କଳାମାଟିଆ ରାସ୍ତାରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଧର୍ମୀୟ ଅନୁଷ୍ଠାନରୁ ବାରମ୍ବାର ଚୋରି ହେଉଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

### ଯାଜପୁର ଜିଲା ହାଇସ୍କୁଲରେ ଗୀତାଜୟନ୍ତୀ

ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ହାଇସ୍କୁଲ ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରାକ୍ତନ ସଂସ୍କୃତି ଶିକ୍ଷକ ବିଜୟଭୂଷଣ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷ ଜୀବନରେ ଗୀତା ପାଠ ନିତାନ୍ତ ଜରୁରୀ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ନାରାୟଣ ଚନ୍ଦ୍ର ସାମନ୍ତ, ଅନନ୍ୟାର ସଭାପତି ସନ୍ତୋଷ ନନ୍ଦ, ଶିକ୍ଷକ ସୌମ୍ୟରଞ୍ଜନ ମହାପାତ୍ର, ରାଧାରମଣ ମହାରଣା, ବାସୁଦେବ ସେନାପତି, ନିବେଦିତା ସାମଲ, ଜୈରୁଦ୍ଦିନ ଖାନ୍, ସୌମ୍ୟରଞ୍ଜନ ନାୟକ ଓ ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହିତ ଗୀତା ଅଧ୍ୟୟନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ଗୀତାପୁସ୍ତକ ପ୍ରଦାନ କରାଯାଇଥିଲା।

### ଗ୍ରାମ୍ୟ ବ୍ୟାଙ୍କ ନୂତନ ଶାଖା ପରିଚାଳକଙ୍କୁ ସମ୍ବର୍ଦ୍ଧନା



**ଜେନାପୁର, ୧୩।୧୨ (ଅଶୋକ ଦାସ):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ ଜେନାପୁର ଶାଖାର ନୂତନ ଶାଖା ପରିଚାଳକ ବିଶ୍ୱଜିତ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୪ବର୍ଷରୁ ଉର୍ଦ୍ଧ୍ୱ କୋରେଇ ଶାଖାରେ କାର୍ଯ୍ୟରତ ଥିଲେ। ଜେନାପୁର ଶାଖାରେ ଯୋଗ ଦେବାପରେ ତାଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଶାଖା ପରିଚାଳକ ସାଗର ମହାରଣା, କୋଷାଧ୍ୟକ୍ଷ ସୌରଭ ମଣ୍ଡଳ, ବିଚିତ୍ର କୁମାର ଭଦ୍ର, ନିଷ୍କାନ୍ତ ଖଟୁଆ, ମାନସ ରଞ୍ଜନ ପ୍ରଧାନ, ପ୍ରତିମା କବି ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଥିବା ଶାଖା ପରିଚାଳକ ପ୍ରାଚୀପ୍ରଜ୍ଞା ପିଙ୍ଗଙ୍କ ଅନ୍ୟତ୍ର ବଦଳି ହୋଇଛି।

### ୨ ଟ୍ରକ୍ ମୁହାଁମୁହିଁ, ୬ ଘଣ୍ଟା ଫସି ରହିଲେ ଡ୍ରାଇଭର

ପାଟଣା, ୧୩।୧୨ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡୁରୁମୁଙ୍ଗା ବୈତରଣୀ ନଦୀ ପୋଲ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। କରଞ୍ଜିଆ ଓ ଡୁରୁମୁଙ୍ଗା ଥାନା ସୀମା ନଦୀ ପୋଲ ନିକଟରେ ଶୁକ୍ରବାର ରାତି ୩ ଟାରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସକାଳ ୯ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି ଗାଡ଼ି ଭିତରେ ଡ୍ରାଇଭର ଚାପି ହୋଇ ରହିଥିଲେ। ମୟୂରଭଞ୍ଜ ଜିଲା ସୁକ୍ରୁଲି ଅଗ୍ନିଶମ ବାହିନୀ ଅକ୍ଳାନ୍ତ ପରିଶ୍ରମ କରି କଟର ସହାୟତାରେ ଟ୍ରକ ସମ୍ମୁଖ ଭାଗକୁ କାଟି ଡ୍ରାଇଭରଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି।

# ଯୁବ ଉତ୍ସବ ମାଧ୍ୟମରେ ପ୍ରତିଭା ବିକଶିତ ହୋଇପାରିବ

**ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ।

ଯାଜପୁର ଜିଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଓ ଜିଲା ସ୍କୁଲ୍ ୨ଟି ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଏଥିରେ ଲୋକ ନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ ଆଦି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲାର ୧୫ରୁ ୨୯ବର୍ଷୀୟ ଯୁବତୀଯୁବକମାନେ ଅଂଶଗ୍ରହଣ କରିଥିଲେ।

ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡ୍ଡୁ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତରେ ଏହି ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଯୁବଉତ୍ସବ ମାଧ୍ୟମରେ ଯୁବତୀଯୁବକମାନଙ୍କ ପ୍ରତିଭାର ବିକଶିତ ହୋଇପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ବରିଷ୍ଠ ଅଧିକାରୀମାନେ ଯୁବଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଭାରତର ଯୁବଶକ୍ତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୮ଜଣ ଏକକ ପ୍ରତିଯୋଗୀ ଓ ୨ ସାଂସ୍କୃତିକ ଦଳ ଜିଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ବିଚାରକ ମଣ୍ଡଳୀ ଓ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ୨୧ ଦିନ ପରେ ଜେଲରୁ ମୁକୁଳିଲେ ଲଲ

**ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସାନ ଭାଇ ଭବପ୍ରସାଦ ଦାସ(ଲଲ) ୨୧ ଦିନ ଧରି ଜେଲ୍ ହାଜତରେ ରହିବା ପରେ ଶୁକ୍ରବାର ମୁକୁଳିଛନ୍ତି। ନଭେମ୍ବର ୨୦ରେ ବିରଜା ପ୍ରକଳ୍ପ ଓ ବିରଜା ହାଟକୁ କେନ୍ଦ୍ରକରି ସ୍ଥାନୀୟ ବୁଢ଼ାଘାଟଠାରେ ବିଜେଡିର ଏକ ଗୋଷ୍ଠୀ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଏହି ରାସ୍ତା ଦେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ) ଯାଜପୁରକୁ ଆସୁଥିବା ବେଳେ ତାଙ୍କୁ ବିଜେଡି କର୍ମୀମାନେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଆକ୍ରମଣ ପାଇଁ ଲଲଙ୍କୁ ଦାୟୀ କରି ହିମାଂଶୁଙ୍କ ପକ୍ଷରୁ ଯାଜପୁର ଥାନାରେ ଏତଲା ଦାୟର ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଧର୍ମଶାଳା ବିଧାୟକଙ୍କ ସମର୍ଥକମାନେ ଯାଜପୁର ସଦର ଥାନା ଘେରାଉ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷରେ ଲଲ ଓ ତାଙ୍କ ସମର୍ଥକ ଯାଜପୁର ଟାଉନ ଥାନା ଘେରାଉ କରି ନ୍ୟାୟ ଦାବି କରିଥିଲେ। ଏହା ପରଦିନ ଯାଜପୁର ବିରଜା ହାଟ ସ୍ଥାନାନ୍ତରକୁ କେନ୍ଦ୍ରକରି ସେଠାରେ ମଧ୍ୟ ରାସ୍ତାରୋକୋ ଓ ଗଣ୍ଡଗୋଳ ହୋଇଥିଲା। ଏପରିସ୍ଥଳେ ଯାଜପୁର ସଦର ଥାନା ଓ ଯାଜପୁର ଥାନା ପକ୍ଷରୁ ମୋଟ୍ ୧୧ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ମୋଟ୍ ୧୯ଜଣଙ୍କୁ ଗିରଫ କରି ଯାଜପୁର ପୋଲିସ କୋର୍ଟଚାଲାଣ କରିଥିଲା। ଲଲଙ୍କ ନାମରେ ୫ ଓ ଅନ୍ୟମାନଙ୍କୁ ୨ଟି ମାମଲାରେ ଗିରଫ କରାଯାଇଥିଲା। ଲଲଙ୍କୁ ପୂର୍ବରୁ ୪ମାମଲାରେ ଜାମିନ୍ ମିଳିଥିବାବେଳେ ବିରଜା ହାଟ ଗଣ୍ଡଗୋଳରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କ ଅଭିଯୋଗକୁ ଆଧାର କରି ହୋଇଥିବା ମାମଲାଟିରେ ଲଲ ଏକ ପ୍ରକାର ଛନ୍ଦି ହୋଇପଡ଼ିଥିଲେ। ସମ୍ପୃକ୍ତ ଅଭିଯୋଗକାରିଣୀଙ୍କୁ ସରକାରୀ ଓକିଲଙ୍କ ପକ୍ଷରୁ ଡାକଯୋଗେ ନୋଟିସ୍ ପଠାଯାଇଥିବାବେଳେ ସେ ତାଙ୍କ ଠିକଣାସ୍ଥାନରେ ଅନୁପସ୍ଥିତ ଥିବା ନେଇ ଡାକ ବିଭାଗ ପକ୍ଷରୁ ଗତ ୯ତାରିଖରେ ସୂଚନା ମିଳିଥିଲା। ଏହାପରେ ଜିଲା ଦୌରାଜଜ୍ ଏହି ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ଗତ ୧୨ତାରିଖରେ ନୋଟିସ୍ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ୧୨ତାରିଖରେ ଲଲଙ୍କ ପକ୍ଷରୁ ଆବେଦନ କରାଯାଇଥିବା ମାମଲାର ଶୁଣାଣି ସମୟରେ ତଦନ୍ତକାରୀ ଅଧିକାରୀ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଭିଯୋଗକାରିଣୀ ଘରେ ତାଲା ପକାଇ କୁଆଡେ ପଳାଇଯାଇଥିବା ନେଇ ଅଧିକାରୀ କୋର୍ଟଙ୍କୁ ଅବଗତ କରିଥିଲେ। ଫଳରେ ଯାଜପୁର ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ଏହି ମାମଲାରେ ଲଲଙ୍କୁ ଜାମିନ ପ୍ରଦାନ କରିଥିଲେ।

# ସୁକିନ୍ଦା ପ୍ରେସ୍‌କ୍ଲବକୁ ହରାଇ ଗୋଲ୍ଡେନ ଇରା ବିଜୟୀ

**କାଳିଆପାଣି, ୧୩।୧୨ (ଅସିତ ମହାନ୍ତ):**

**୧୭ତମ ସୁକିନ୍ଦା ପ୍ରିମିୟର ଲିଗ ଉଦ୍‌ଘାଟିତ**

ସୁକିନ୍ଦା ପ୍ରିମିୟର ଲିଗର ୧୭ତମ କ୍ରିକେଟ ଟୁର୍ନାମେଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁକିନ୍ଦା ପ୍ରେସ୍‌କ୍ଲବକୁ ହରାଇ ଗୋଲ୍ଡେନ ଇରା ବିଜୟୀ ହୋଇଛି। ଟସ ଜିତି ସୁକୁନ୍ଦା ପ୍ରେସ କ୍ଲବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସୁକିନ୍ଦାର ବହୁ ପ୍ରତିଷ୍ଠିତ ପୁରାତନ ଖେଳାଳିଙ୍କୁ ନେଇ ଗଠିତ ଗୋଲ୍ଡେନ ଇରା କ୍ରିକେଟ ଟିମ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ବିଜୟ ଦ୍ୱିବେଦୀ ସର୍ବାଧିକ ୨୩ ବଲରେ ୪ ୩ରନ ଓ ଚପଲେନ୍ଦ୍ର ବେହୁରା ୨୮ ବଲରେ ୩୨ରନ ସଂଗ୍ରହ କରିଥିଲେ। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ସୁକିନ୍ଦା ପ୍ରେସ୍ କ୍ଲବ ନିର୍ଦ୍ଧାରତି ଓଭରରେ ୩ ଉଇକେଟ ହରାଇ ମୋଟ ୮୧ ରନ ସଂଗ୍ରହ କରିଥିଲା। ଫଳରେ ଉଦ୍‌ଘାଟନୀ ମ୍ୟାଚରେ ଗୋଲ୍ଡେନ ଇରା ୨୬ ରନରେ ବିଜୟ ହାସଲ କରିଥିଲା।

ସୁକିନ୍ଦା ତହସିଲଦାର ମାସନ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଓ ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସୁକିନ୍ଦା ପ୍ରେସ କ୍ଲବର ସଭାପତି ବିଶ୍ୱଜିତ ନାୟକ, କ୍ରୀଡ଼ାବିତ ଅଜୟ କୁମାର ବେହୁରା, ଦୁଃଖବନ୍ଧୁ ଓଝା, ପୂର୍ବତନ ଜିଲା ପରିଷଦ ସଭ୍ୟ ରମଣୀ ରଞ୍ଜନ ବଳସାମନ୍ତ, ନୀଳମାଧବ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଦ୍ୱିଜେନ୍ଦ୍ର ଘୋଷ ଓ ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ। ସୁକିନ୍ଦା ରାଜା ଭୂପତି ଭୁଦେବ ଶ୍ରୀହରିଚନ୍ଦନ ମହାପାତ୍ର ଯୋଗଦେଇ ଉଭୟ ବିଜୟୀ ଓ ରନ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ୨୩ରୁ ଯାଜପୁର ପୁସ୍ତକ ମେଳା

**ଯାଜପୁରଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ୧୪ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ନିମନ୍ତେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଯାଜପୁର ଜିଲା ହାଇସ୍କୁଲ ପ୍ରାଙ୍ଗଣରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର କୁସୁମା ପଡ଼ିଆଠାରେ ଆସନ୍ତା ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଏବଂ ଅନନ୍ୟା ସାହିତ୍ୟ ସଂସଦ ଆୟୋଜକତ୍ୱରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଅନନ୍ୟାର ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର ମେଳା ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଉପସଭାପତି ବିଭୂତିଭୂଷଣ ମହାପାତ୍ର, ଉପଦେଷ୍ଟା ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ଅନିଲ ମହାନ୍ତି, ହରିଶ୍ଚନ୍ଦ୍ର ପଣ୍ଡା, ହୃଷୀକେଶ ପତି, ଅଶୋକ ଦାସ, ଉମାକାନ୍ତ ସାମଲ, ବିଷ୍ଣୁଚରଣ ବେହେରା, ଡ. ବିନୋଦ ଚନ୍ଦ୍ର ନାୟକ, ସୁଧାଂଶୁଶେଖର ରଥ, ଭାବଗ୍ରାହୀ ମିଶ୍ର, ଗଣେଶ୍ୱର ବେହେରା, ଅଖିଳ ମୋହନ ଦାସ, ଅକ୍ଷୟ ଚରଣ ପୃଷ୍ଟି ଇଚ୍ଛାମୟୀ ଧଳ, ଅକ୍ଷୟ ପଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର ଓ ଅଧିକାରୀ ନବକିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟ୍ରକ୍ ଲୋଡିଂରେ ଅନିୟମିତତା ଅଭିଯୋଗ




କାଳିଆପାଣି ଥାନାଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା ଟ୍ରକ୍ ମାଲିକମାନେ।

**କାଳିଆପାଣି, ୧୩।୧୨ (ଅସିତ ମହାନ୍ତ):** ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ ପରିବହନ ପାଇଁ ଟ୍ରକ ଲୋଡିଂରେ ଅନିୟମିତତା ହେଉଥିବା ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଫାଷ୍ଟ କମ ଫାଷ୍ଟ ଲୋଡିଂ କରିବାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଥିବାବେଳେ ଜିଲା ପ୍ରଶାସନ ଆଖି ବୁଜି ଦେଇ ବେଆଇନ କାର୍ଯ୍ୟକୁ ସମର୍ଥନ କରୁଛି। ଫଳରେ ଏହାକୁ ନେଇ ଦୀର୍ଘ ଦିନ ହେଲା ଟ୍ରକ ମାଲିକମାନେ ପ୍ରତିବାଦ କରି ଆସୁଛନ୍ତି। ତେଣୁ ଶୀଘ୍ର ଉଚ୍ଚ ନ୍ୟାୟଳାୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ନିମନ୍ତେ ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ ସାଧାରଣ ସମ୍ପାଦକ ମାନସ ଭଞ୍ଜ, ସମ୍ପାଦକ ଦାମୋଦର ପାତ୍ର, ଶୁଭ୍ରାଂଶୁ ରଞ୍ଜନ ସାମଲଙ୍କ ନେତୃତ୍ୱରେ ଟ୍ରକ ମାଲିକମାନେ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହାସହିତ ଯାଜପୁର ଆରକ୍ଷୀ ଅଧୀକ୍ଷକ, ସୁକିନ୍ଦା ତହସିଲଦାର, ଯାଜପୁର ଖଣି ବିଭାଗ ଓ କାଳିଆପାଣି ଥାନା ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହାର ସମାଧାନ କରିବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଥଇଥାନ ନ କରି ବିସ୍ଥାପନକୁ ବିରୋଧ

**ଯାଜପୁରରୋଡ୍, ୧୩।୧୨ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ବ୍ୟାସନଗର ମ୍ୟୁନିସିପାଲିଟି ଆଦିବାସୀ ବସ୍ତିକୁ ପ୍ରଶାସନ ଥଇଥାନ ନ କରି ବିସ୍ଥାପନ କରିବାକୁ ମୂଳନୀବାସୀ ୟୁନାଇଟେଡ୍ ଫୋରମ ବିରୋଧ କରିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବ୍ୟାସନଗର ତହସିଲ ଅଧୀନ ମୁଣ୍ଡମାଳ ମୌଜାର ଚୂନ ଭାଟି ପ୍ଲଟରେ ଓ ପଦ୍ମପୁର, ଦଳା ସମେତ ଅନେକ ସ୍ଥାନରେ ଆଦିବାସୀମାନେ ଅନାବାଦୀ ଏବଂ ଖଟି ଜଙ୍ଗଲ କିସମରେ ରହୁଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ପରିବାର ଭୂମିହୀନ ହୋଇ ରହୁଥିବାବେଳେ ସରକାର ସେମାନଙ୍କୁ ଜମିପଟ୍ଟା କିମ୍ବା ବାସଗୃହ ଦେଇନାହାନ୍ତି। ଏହି ବସ୍ତି ଗୁଡିକରେ ବିଦ୍ୟୁତ, ପାଣି, ରାସ୍ତା ଆଦି କରାଯାଇଛି। ଆଦିବାସୀମାନେ ପୂର୍ବରୁ ଏହି ଜମି ଉପରେ ପାଉତି ମଧ୍ୟ କାଟୁଥିଲେ। ତାଙ୍କର ଜନଗଣନା ସହ ରାଶନ କାର୍ଡ ଏହି ଠିକଣାରେ ହୋଇଛି। ମାତ୍ର ରେଲୱେ ଜମି ଅଧିଗ୍ରହଣ ବେଳେ ଏହାକୁ ଝୁମ୍ପୁଡ଼ି ଦର୍ଶାଇଛି। ପ୍ରକୃତ ପକ୍ଷେ ବହୁ ପକ୍କା ଓ କଚା ବାସଗୃହ ଅଛି। ରେଲୱେ କର୍ତ୍ତୃପକ୍ଷ ଓଭର ବ୍ରିଜ ସହ ଅନ୍ୟ ଦଖଲ ପାଇଁ ନୋଟିସ କରିବା ପରେ ଆଦିବାସୀବସ୍ତିରେ ଆତଙ୍କ ଖେଳିଯାଇଛି। ସେମାନେ ଜିଲା ପ୍ରଶାସନକୁ ଦୁଇମାସ ପୂର୍ବରୁ ଦରଖାସ୍ତ କରି ଆଗେ ଥଇଥାନ ପରେ ବିସ୍ଥାପନ ପାଇଁ ଗୁହାରୀ କରିଥିଲେ। ମାତ୍ର ପ୍ରଶାସନ ଗୁରୁତ୍ୱ ନ ଦେଇ ଏବେ ଶୀତ ଦିନରେ ଅଚାନକ ଉଚ୍ଛେଦ ନୋଟିସ ଜାରି କରିଛି। ଏହାପରେ ଆଦିବାସୀମାନେ ମୂଳନୀବାସୀ ୟୁନାଇଟେଡ୍ ଫୋରମ ଜରିଆରେ ମେଳି ହୋଇ ଜିଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ କରିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଫୋରମର ରାଜ୍ୟ କମିଟି ସଭ୍ୟ ପ୍ରତାପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲା ଉପସଭାପତି ସହଦେବ ଜେନା, ଆମ୍ବେଡକର ଫାଉଣ୍ଡେସନର ଧର୍ମଶାଳା ସଭାପତି ସୁରେନ୍ଦ୍ର ମଲ୍ଲିକ, ଉପଦେଷ୍ଟା କାର୍ତ୍ତିକ ମଲ୍ଲିକ, ଆଦିବାସୀ ବସ୍ତି ସଭାପତି ମାଣିକ ଗାଗରାଇ, ବାବୁ ଜେନା ପ୍ରମୁଖ ଉପସ୍ଥିତ ରହି ସରକାର ତୁରନ୍ତ ଆଗେ ଥଇଥାନ ପରେ ବିସ୍ଥାପନ କରିବାକୁ ନିବେଦନ କରିଛନ୍ତି। ବୈଠକରେ ଆଦିବାସୀ କର୍ମକର୍ତ୍ତା କର୍ଣ୍ଣୋ ଟୁଡୁ, ବଲବଲ ସିଂହ ଲାଗୁରି, ଦିଲୀପ ପିଙ୍ଗୁଆ, ରାମା ମୁନ୍ଦୁୟା, ଗୁରୁ ସାମଡ଼େ, ଜାଗା ହେମ୍ବ୍ରମ, ବୀରେନ୍ଦ୍ର ସୁରି, ଦାଡୁ ପିଙ୍ଗୁଆ, କାନ୍ଦ୍ରା କିସ୍କୁ ଓ ମାୟାଧର ଗବରଇ ପ୍ରମୁଖ ଯୋଗ ଦେଇଥିଲେ।

# ବାଇଧର ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା, ୧୩।୧୨ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଗଡ଼ମଧୁପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ବାଇଧର ସେଠୀଙ୍କ ଏକାଦଶାହ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନଠାରେ ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ ସଭାରେ ଅଧ୍ୟକ୍ଷତା କରିଥିଲେ। ସେଠୀଙ୍କ ଫଟୋଚିତ୍ରରେ ଅତିଥିମାନେ ମଲ୍ୟାର୍ପଣ କରିବା ପରେ ଗୀତା ପାଠ କରାଯାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ଇଂ. ନିରଞ୍ଜନ ମିଶ୍ର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ଗଡ଼ମଧୁପୁର ସରପଞ୍ଚ ରବୀନ୍ଦ୍ର ସେଠୀ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ, ଶ୍ରମିକ ନେତା ନୃସିଂହ ମିଶ୍ର, ଦୁର୍ଯ୍ୟୋଧନ ପ୍ରଧାନ, ଖବରଦାତା ବସନ୍ତ ନାୟକ, ଶୁଭଙ୍କର ନାୟକ ପ୍ରମୁଖ ଯୋଗଦେଇ ସେଠୀ ଏକାଧାରରେ ଜଣେ ଭଦ୍ର, ନମ୍ର, ଦରଦୀ, ପରୋପକାରୀ ଓ ସରଳ ହୃଦୟର ଅମାୟିକ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପୁରାନ ଛାତ୍ର ନରେନ୍ଦ୍ର ବେହେରା, ଚିନ୍ତାମଣି ସ୍ୱାଇଁ, ଜଟାଧାରୀ ପତି, ବୁଲୁ ରାୟ, ରମେଶ ଚନ୍ଦ୍ର ମିଶ୍ର, ଦେବବ୍ରତ ରାୟ, ସରୋଜ ସ୍ୱାଇଁ ପ୍ରମୁଖ ସେଠୀଙ୍କ ସମାଜସେବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱାଇଁ ସୁରେଶ ସେଠୀ, ପୁଅ ସୁଧାଂଶୁ ଶେଖର ସେଠୀ ଓ ଅନନ୍ତ ଚରଣ ସେଠୀ ଅତିଥିଙ୍କୁ କୃତଜ୍ଞତା ଜଣାଇଥିଲେ। ସେଠୀଙ୍କ ସ୍ମରଣ ପାଇଁ ତାଙ୍କ ପରିବାର ପକ୍ଷରୁ କାନପୁର-ଗଡ଼ମଧୁପୁର ରାସ୍ତାରେ ଚାରାରୋପଣ କରାଯାଇଥିଲା।



ସାମାଜିକ କର୍ମୀ ବାଇଧର ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

# ଟସର ଲୁଗା ବୁଣା ଜାଣିଲେ ମହାରାଷ୍ଟ୍ର ପଞ୍ଚାୟତିରାଜ ପ୍ରତିନିଧି




ରସୁଲପୁର ବ୍ଲକ୍ ଗୋପାଳପୁର ଅଞ୍ଚଳର ମା'ତାରିଣୀ ବୁଣାକାର ସମିତି ବୁଲିବାକୁ ଆସିଥିବା ପଞ୍ଚାୟତିରାଜ ପ୍ରତିନିଧି ଓ ଅନ୍ୟମାନେ।

**ରସୁଲପୁର, ୧୩।୧୨ (ରଂଜିତ ରାଉତ):**

ମହାରାଷ୍ଟ୍ର ରାଜ୍ୟରୁ ଏକ୍ସପୋଜ ଭିଜିଟ୍ କରିବାକୁ ୨ ଦିନିଆ ଯାଜପୁର ଜିଲା ଗସ୍ତରେ ଆସିଥିବା ପ୍ରକଳ୍ପ ନିର୍ଦ୍ଦେଶକ, ଅତରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ରସୁଲପୁର ବ୍ଲକ୍ ଅଧୀନ ଗୋପାଳପୁର ଅଞ୍ଚଳର ମା'ତାରିଣୀ ବୁଣାକାର ସମିତିରେ ପହଞ୍ଚି ଟସର ବସ୍ତ୍ର ବୁଣାବୁଣି କାର୍ଯ୍ୟ ବୁଲି ଦେଖିଛନ୍ତି।

ଟସର ବସ୍ତ୍ର ବୁଣାବୁଣି କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଥିବା ଏହି ସମିତିରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ପହଞ୍ଚି ଲୁଗା ବୁଣାବୁଣିର ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। କାରଖାନାରେ ଲୁଗାବୁଣାରେ ବ୍ୟବହୃତ ଟସର କୋଷାରୁ ସୂତା ବାହାର କରିବାଠାରୁ ଆରମ୍ଭ କରି ସୂତାକୁ ରଙ୍ଗ କରିବା, ତନ୍ତ ଜରିଆରେ ଲୁଗା ବୁଣିବା, କେଉଁ ସବୁସ୍ତରରେ ଲୁଗା ବୁଣାଯାଉଛି, ବସ୍ତ୍ରଗୁଡ଼ିକୁ କିଭଳି ଡିଜାଇନ କରାଯାଉଛି, ସେ ଦିଗରେ କେଉଁ ସବୁ ହସ୍ତ ଚାଳିତ ଯନ୍ତ୍ରାଂଶ ବ୍ୟବହାର ହେଉଛି, ଅଙ୍ଗବସ୍ତ୍ର ବୁଣାବୁଣି ପରେ ତାକୁ କ୍ୟାଲେଣ୍ଡରିଂ ମେସିନ ସହାୟତାରେ କିଭଳି ସରସ ସୁନ୍ଦର କରାଯାଇ ପାରୁଛି, ଉତ୍ପାଦିତ ବସ୍ତ୍ରର ବଜାରୀକରଣ ଓ ଗ୍ରାହକ ଚାହିଦା ଆଦି ସମସ୍ତ ଦିଗରେ ଅବଗତ ହୋଇଛନ୍ତି। ଏଥି ସହିତ ଅତ୍ୟାଧୁନିକ ପ୍ରଣାଳୀରେ ଲୁଗା ବୁଣିବାରେ ବ୍ୟବହୃତ ହେଉଥିବା ଜାକଡ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ପାଇଛନ୍ତି।

ବୁଣାବୁଣିରେ ନିୟୋଜିତ କାରିଗରଙ୍କ ସହ ପ୍ରତିନିଧିମାନେ ଆଲୋଚନା କରି ବସ୍ତ୍ର ବୁଣିବାର କଳାକୌଶଳ ସମ୍ପର୍କରେ ଅବଗତ ହୋଇ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି। ଟସର ବସ୍ତ୍ରର ଗୁଣବତ୍ତା ଓ ବ୍ୟବହାର ପାଇଁ ଆରାମ ଦାୟକ ହୋଇଥାଏ ବୋଲି ପ୍ରତିନିଧିମାନେ ମତବ୍ୟକ୍ତ କରିବା ସହ ସମିତିରୁ ମନପସନ୍ଦର ଅଙ୍ଗବସ୍ତ୍ର କ୍ରୟ କରିଛନ୍ତି। ସମିତି ପକ୍ଷରୁ ବୁଣାକାର ଯୁବନେତା ଅଶୋକ କୁମାର ଗୁଇଁ ଜନପ୍ରତିନିଧିଙ୍କୁ ବିଭିନ୍ନ ପ୍ରକୋଷ୍ଠ ବୁଲାଇ ଦେଖାଇବା ସହ ବସ୍ତ୍ର ବୁଣାରେ ବ୍ୟବହୃତ ପ୍ରତ୍ୟେକ ଯନ୍ତ୍ରାଂଶର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରିଭ୍ରମଣକାରୀ ଦଳକୁ ଯାଜପୁର ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଟ୍ରେନିଂ) ମଧୁମିତା ପୃଷ୍ଟି, ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ରର ମୁଖ୍ୟ ପ୍ରିୟବ୍ରତ ପତି ପ୍ରମୁଖ ସହଯୋଗ କରିଥିଲେ। କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଯାଜପୁର ଜିଲା ଦାୟିତ୍ୱରେ ଥିବା ଅଧିକାରୀ ବୈଷୟିକ ସହାୟିକା ମନୋରମା ମଲିକ, ବୟନ ନିରୀକ୍ଷକ ସତ୍ୟଜିତ୍ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରସୁଲପୁର ବ୍ଲକ ପକ୍ଷରୁ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ର, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌରଭ ପଲ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି, କୌଶଳ ବିକାଶ ବିଭାଗର ବ୍ଲକ ସଂଯୋଜିକା ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ପରିଭ୍ରମଣକାରୀ ଦଳରେ ସାମିଲ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିଙ୍କୁ ବିଭିନ୍ନ ସ୍ଥାନ ବୁଲି ଦେଖିବାରେ ସହଯୋଗ କରିଥିଲେ।

# ଲଞ୍ଚଘୋଲା ବେଳାଭୂମିରେ ମୃତ ଅଲିଭରିଡ୍‌ଲେ କଇଁଛ

- ଟ୍ରଲର ମାଡ଼ ଓ ଗାଞ୍ଜ ଜାଲରେ ଛନ୍ଦି ହୋଇଛନ୍ତି
- ଅଣ୍ଡାଦାନ ପୂର୍ବରୁ ଯାଉଛି ଜୀବନ

ମହାକାଳପଡ଼ା, ୧୩।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)




ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଲଞ୍ଚଘୋଲା ବେଳାଭୂମିରେ ଅଲିଭରିଡ୍‌ଲେ କଇଁଛ ମରି ପଡ଼ିଛନ୍ତି।

ଶୀତ ଋତୁ ଆରମ୍ଭ ହେବା ମାତ୍ରେ ଅଲିଭରିଡ୍‌ଲେ କଇଁଛ ସୁଦୂର ପ୍ରଶାନ୍ତ ମହାସାଗର, କୋଷ୍ଟାରିକା, ଶ୍ରୀଲଙ୍କା ଆଦି ଅଞ୍ଚଳରୁ ସମୁଦ୍ର ପଥ ଅତିକ୍ରମ କରି ଓଡ଼ିଶା ଉପକୂଳକୁ ଆସିଛନ୍ତି। ବିଶେଷ କରି ଗହୀରମଥା, ଋଷିକୁଲ୍ୟା ମୁହାଣ, ଜଟାଧାର ମୁହାଣ ଆଦି ବେଳାଭୂମି ବାଲୁକା ଶଯ୍ୟାରେ ସୁରକ୍ଷିତ ଭାବେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଅପରପକ୍ଷରେ ବଡ଼ ବଡ଼ ମାଛଧରା ଟ୍ରଲରଗୁଡ଼ିକ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ମାଛ ଧରିବା ବେଳେ ଗାଞ୍ଜ ଜାଲରେ ଛନ୍ଦି ହୋଇ ଅକାଳରେ ଅଲିଭରିଡ୍‌ଲେ କଇଁଛଙ୍କ ଜୀବନ ଯାଉଛି। ବିଶେଷକରି ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ବାଲେଶ୍ୱର, ଧାମରା, କଷାଫଳ, ବଳରାମଗଡି, ଦୀଘା, ପଶ୍ଚିମବଙ୍ଗ ଆଦି ଟ୍ରଲରଗୁଡ଼ିକ ବେଆଇନ ଭାବେ ପ୍ରବେଶ କରି କଇଁଛମାନଙ୍କ ଜୀବନ ନେବାକୁ ପଛାଉନାହାନ୍ତି। ଏହାକୁ ଦେଖିବାକୁ ମିଳୁଛି, କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଲଞ୍ଚଘୋଲା ସାମୁଦ୍ରିକ ବିସ୍ତୀର୍ଣ୍ଣ ବେଳାଭୂମିରେ ଲାଗିଛି ସଦ୍ୟ ମଲା କଇଁଛ। ଏହି କଇଁଛ ମୃତ୍ୟୁ ଘଟଣାକୁ ନେଇ ପରିବେଶପ୍ରେମୀମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

ଗତବର୍ଷ ୧୬୪ କଇଁଛଙ୍କ ଜୀବନ ଯାଇଥିବା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବନ ବିଭାଗ ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ପ୍ରଥମ କରି ମଲା କଇଁଛ ସାମ୍ନାକୁ ଆସିଛି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ ଓ ତଟରକ୍ଷୀ ବାହିନୀର କର୍ମଚାରୀ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ କେବଳ ବନ ବିଭାଗ ଓ ତଟରକ୍ଷୀ ବାହିନୀକୁ ଛାଡ଼ି ଦେଲେ ସାମୁଦ୍ରିକ ମତ୍ସ୍ୟ ଓ ସାମୁଦ୍ରିକ ପୋଲିସ ବିଭାଗ ପକ୍ଷରୁ ମୁତୟନ ହେବା ନାଁ ଧରୁ ନାହାନ୍ତି। ବନ ବିଭାଗ ପକ୍ଷରୁ ଏକକୁଳାନାସି, ବାବୁବାଲି ଓ ମାଦଳୀଠାରେ ଫରେଷ୍ଟ ବିଟ କ୍ୟାମ୍ପ ରହିଛି। ବିଭାଗୀୟ କର୍ମଚାରୀମାନେ ନିୟୋଜିତ ଅଛନ୍ତି। ଏହା ସତ୍ତ୍ୱେ ଟ୍ରଲର ମାଡ଼ରେ ଅଲିଭରିଡ୍‌ଲେ କଇଁଛଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହେଉଛି।

ମହାକାଳପଡ଼ା ବ୍ଲକ ଅଞ୍ଚଳର ତଣ୍ଡିଆପାଳ, ରଟପଙ୍କ, ଶାସନପେଟା, ଓଡ଼ିରା, କଲତୁଙ୍ଗା, ସୁନିତି, ଜମ୍ବୁ, ବଡିଘର, ଖୋଲା, ବଡ଼ ଓ ସାନ ଗୁବି, ଖରିନାସୀ, ବଗଗହନ, ପଙ୍କପାଳ ଆଦି ଅଞ୍ଚଳର ୫ ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ବାଲେଶ୍ୱର ଟ୍ରଲର ମାଲିକମାନଙ୍କ ପାଖରେ କାମ କରୁଛନ୍ତି। ଏ ଅଞ୍ଚଳର ମତ୍ସ୍ୟଜୀବୀ ହୋଇଥିବାରୁ ଏମାନଙ୍କ ଘରେ ୨୦ରୁ ଅଧିକ ଭିଏଚଏଫ୍ ଟାୱାର ନିର୍ମାଣ କରିଥିବା ନଜରକୁ ଆସିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ କିପରି ମାଛ ଧରାଯିବ ବନ ବିଭାଗ ପାଟ୍ରୋଲିଂ ଟିମ୍ କର୍ମଚାରୀ କେଉଁ ସମୟରେ ସମୁଦ୍ରକୁ ଯିବେ ଏହି ଭିଏଚ୍‌ଏଫ୍ ଟାୱାର ମାଧ୍ୟମରେ ଆଗୁଆ ସୂଚନା ଦେଉଛନ୍ତି। ଫଳରେ ଟ୍ରଲର କର୍ମଚାରୀମାନେ ସତର୍କ ହେଉଛନ୍ତି କିମ୍ବା ନିଷିଦ୍ଧାଞ୍ଚଳ ଛାଡି କିଛି ଦୂରକୁ ଚାଲି ଯାଉଛନ୍ତି। ଏଭଳି ଗୁରୁତର ଅଭିଯୋଗ ସଚେତନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବୀ କରିଛନ୍ତି। ଐତିହାସିକ ହୁକିଟୋଲା ପର୍ଯ୍ୟଟନ ସ୍ଥଳକୁ ଯାତ୍ରା କରୁଥିବାବେଳେ ଏହି ମଲା କଇଁଛ ସାମ୍ନାକୁ ଆସିଛି ବୋଲି କେତେଜଣ ପର୍ଯ୍ୟଟକ କହିଛନ୍ତି। ସ୍ଥଳଭାଗରେ କଇଁଛକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ସଚେତନ କରୁଥିବା ବେଳେ ଜଳ ପଥରେ ଅକାଳରେ ଜୀବନ ଯାଉଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ମୃତ କଇଁଛଙ୍କ ଠିକଣା ମିଳିଲେ ବିଭାଗ ପକ୍ଷରୁ ପୋତି ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଜମିବାଡ଼ିକୁ କେନ୍ଦ୍ର କରି ଆକ୍ରମଣ: ୩ ଆହତ, ଜଣେ ଗୁରୁତର

**ଆକ୍ରମଣକାରୀ ଅଭିଯୁକ୍ତ ଫାଣ୍ଡିରେ ଅଟକ**

ରାଜକନିକା, ୧୩।୧୨(ସଞ୍ଜୟ କୁମାର ଦାଶ)




ଆହତ ହୋଇଥିବା ପ୍ରଭାତୀ ଓ ମାନସୀ।

ରାଜକନିକା ଥାନା ଅଞ୍ଚଳରେ ଜମିବାଡ଼ି କନ୍ଦଳରୁ ପୂର୍ବ ଶତ୍ରୁତାକୁ ନେଇ ଭାଇଭାଗ ମାଗି ସଫଳ ନ ହେବାରୁ ନିଜର ସାନଭାଇ, ଭାଇବୋହୂ, ପୁତୁରା ବୋହୂଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଥାନାରେ କଣ୍ଡିଆ ଫାଣ୍ଡି ଅନ୍ତର୍ଗତ ନମତରା ଗାଁର ବାଙ୍କବିହାରୀ ଜେନାଙ୍କ ସ୍ତ୍ରୀ ମାନସୀ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ଭୋରୁ ଘରେ ସମସ୍ତେ ଉପସ୍ଥିତ ରହି ଟିଭି ଦେଖୁଥିବା ବେଳେ ହଠାତ ଘର ଭିତରକୁ ବାବୁରାମ ଜେନା(୬୫) ପଶି ଆସି ଭୁଜାଲି ଦ୍ୱାରା ପ୍ରଥମେ ତାଙ୍କ ପତି ବାଙ୍କବିହାରୀଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ବାଙ୍କବିହାରୀଙ୍କୁ ସୁରକ୍ଷା ଦେବାକୁ ଆସି ମାନସୀ ମଧ୍ୟ ଭୁଜାଲି ଚୋଟ ଖାଇ ଥିଲେ। ତେବେ ଏସବୁ ଦେଖି ବୋହୂ ପ୍ରଭାତି ଘଟଣାସ୍ଥଳରେ ପହଞ୍ଚି ଯିବାରୁ ତାଙ୍କୁ ମଧ୍ୟ ବାବୁରାମ ଆକ୍ରମଣ କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ଭୁଜାଲି ଚୋଟରେ ବାଙ୍କବିହାରୀଙ୍କ ଗାଲ, ମୁହଁ, ପାଟି ଆଉ ମୁଣ୍ଡରେ ଏକାଧିକ ଚୋଟ ଯୋଗୁ ସେ ଗୁରୁତର ହୋଇଥିଲେ। ମାନସୀଙ୍କ କାନମୁଣ୍ଡା ଓ ପ୍ରଭାତିଙ୍କ ମୁଣ୍ଡରେ ମଧ୍ୟ ଏକାଧିକ ସ୍ଥାନରେ ଭୁଜାଲି ଚୋଟ ବାଜିଛି। ୩ ଜଣ ଆହତଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏଭଳିକାଣ୍ଡ ଭିଆଇବା ପରେ ବାବୁରାମ ପରିବାରରେ ସମସ୍ତଙ୍କ ଜୀବନ ନେଇ ଯିବେ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ହୋଇଛି। ତେବେ କଟକ ବଡ ମେଡିକାଲରେ ବାଙ୍କବିହାରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିଲେ ହେଁ ଗୁରୁତର ଥିବା ପରିବାର ପକ୍ଷରୁ ଜଣାପଡିଛି।

ସୂଚନାଯୋଗ୍ୟ, ବାବୁରାମ ଭାଇ ଭାଗ ଦାବି କରି ସବୁବେଳେ ପରିବାର ଉପରେ ଚାପ ପକେଇ ଆସୁଥଲେ। ହେଲେ ଏନେଇ ପରିବାର ପକ୍ଷରୁ କୌଣସି ଉତ୍ତର ନ ମିଳିବାରୁ ଶେଷରେ ଏପରି ନିଷ୍ପତ୍ତି ନେଇଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ବାବୁରାମଙ୍କର ସ୍ତ୍ରୀ ଦୁଇବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ, ତାଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ତେଣୁ ଯୁଗ୍ମ ପରିବାରରେ ତାଙ୍କ ପ୍ରତି ଢେର୍ ସମବେଦନା ଥିବା ସତ୍ତ୍ୱେ ମଧ୍ୟ କାହିଁକି ଏପରି ନିଷ୍ପତ୍ତି ନେଇଛନ୍ତି ତାହା ପରିବାର ଲୋକଙ୍କୁ ବ୍ୟଥିତ କରିଛି। ପୋଲିସ ନଂ.୫୦୪/୨୪ରେ ମାମଲା ରୁଜୁ କରିଛି। ଘଟଣାର ସୂତ୍ରଧର ଆକ୍ରମଣକାରୀ ବାବୁରାମଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଛି ବୋଲି ରାଜକନିକା ଥାନା ଅଧୀନ କଣ୍ଡିଆ ଫାଣ୍ଡି ଅଧିକାରୀ ଏସ୍‌ଆଇ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

# ଭୁଲ୍‌ରେ ଟଙ୍କା ପାଇ ଫେରାଇଲେନି ୨ ଜଣ

ଆଳି, ୧୩।୧୨ (ବନମାଳୀ ସେନାପତି)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରଥମ କିସ୍ତି ଅର୍ଥ ରାଶି ଭୁଲ୍‌ରେ ଦୁଇଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଚାଲି ଯାଇଥିଲା। ସେମାନଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ସରକାରୀ ଅର୍ଥ ସେମାନେ ନ ଫେରାଇବାରୁ ବିଡିଓ ସେମାନଙ୍କ ନାମରେ ଆଳି ଥାନାରେ ଏତଲା ଦେଇଛନ୍ତି। ବିଡିଓ ମିନତି ଜଗଦ୍ଦେବ କରିଥିବା ଅଭିଯୋଗ ମୁତାବକ, ଆଳି ବ୍ଲକ ଅନ୍ତର୍ଗତ ଅଳିହା ଓ ଜେନାବଳୀ ଗାଁରେ ୨ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିଲା। ତେଣୁ ସେମାନଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଭାବରେ ୪୦ ହଜାର ଲେଖାଏ ଯିବା କଥା। ଆଳି ବ୍ଲକ ପକ୍ଷରୁ ମଧ୍ୟ ଟଙ୍କା ଆକାଉଣ୍ଟ ମାଧ୍ୟମରେ ପଠାଯାଇଥିଲା। କିନ୍ତୁ ଭୁଲ୍‌ବଶତଃ ସେହି ଟଙ୍କା ପ୍ରକୃତ ହିତାଧିକାରୀଙ୍କ ଆକାଉଣ୍ଟକୁ ନ ଯାଇ ସେହି ଗାଁର ଏକା ନାମ ଥିବା ବ୍ୟକ୍ତିଙ୍କ ଖାତାକୁ ଚାଲିଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ବୈଷୟିକ ତ୍ରୁଟି ଯୋଗୁ ସେହି ଦୁଇ ଜଣଙ୍କ ବ୍ୟାଙ୍କ ଏକାଉଣ୍ଟକୁ ଟଙ୍କା ଯାଇଛି। ଫେରାଇବାକୁ ବିଡିଓ ସେମାନଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ତେଣୁ ବାଧ୍ୟ ହୋଇ ବିଡିଓ ଶୁକ୍ରବାର ସିଙ୍ଗିରି ପଞ୍ଚାୟତ ଅଧୀନ ଅଳିହା ଗାଁର ରବୀନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ସବିତା ଓ କଳସପୁର ପଞ୍ଚାୟତ ଅନ୍ତର୍ଗତ ଜେନାବଳୀ ଗାଁର ଶ୍ରୀଧର ଦାସଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କ ନାମରେ ଥାନାରେ ଟଙ୍କା ଫେରସ୍ତ ପାଇଁ ଅଭିଯୋଗ କରିଛନ୍ତି।

# ବାର୍ଦ୍ଧକ୍ୟ ଭତ୍ତା ହାତେଇଛନ୍ତି ଯୁବକ, ୬୫ ଜଣଙ୍କ ନାଁରେ ଏତଲା

ଆଳି, ୧୩।୧୨(ବନମାଳୀ ସେନାପତି)

**ଆଳି ବ୍ଲକ ଅରଗଳ ପଞ୍ଚାୟତ**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରଗଳ ପଞ୍ଚାୟତରେ ଅନେକ ଯୁବକ ହାତେଇଛନ୍ତି ବାର୍ଦ୍ଧକ୍ୟ ଭତ୍ତା। ଏନେଇ ଭାଜପା ପକ୍ଷରୁ ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତରୁ ପ୍ରଥମ ପର୍ଯ୍ୟାୟରେ ୬୫ଜଣ ଯୁବକ ବାର୍ଦ୍ଧକ୍ୟ ଭତ୍ତା ହଡ଼ପ କରୁଥିବା ଜଣାପଡ଼ିଛି। ତଦନୁଯାୟୀ ଆଳି ବିଡିଓ ମିନତି ଜଗଦ୍ଦେବ ଉକ୍ତ ୬୫ଜଣଙ୍କ ନାଁରେ ଆଳି ଥାନାରେ ଶୁକ୍ରବାର ଏତଲା ଦେଇଛନ୍ତି। ଏହାସହ ୭ ମାସର ଭତ୍ତା ବାବଦ ୭,୦୦୦ ଟଙ୍କା ଲେଖାଏ ଫେରାଇବାକୁ ଉକ୍ତ ୬୫ଜଣଙ୍କୁ ବିଡିଓ ଚିଠି କରିଛନ୍ତି।

ଗତ ଫେବୃଆରୀରେ ଅରଗଳ ପଞ୍ଚାୟତର ୩୦୩ ନୂତନ ହିତାଧିକାରୀଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇଥିଲା। ପ୍ରାୟ ୭ ମାସର ଭତ୍ତା ଦିଆଯିବା ପରେ ୩୦୩ ହିତାଧିକାରୀଙ୍କ ମଧ୍ୟରୁ ୨୪୩ ଜଣ ଯୁବକ ଥିବା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଏହାପରେ ସେପ୍ଟେମ୍ବରରୁ ଭତ୍ତା ବଣ୍ଟନ ବନ୍ଦ କରି ଦିଆଯାଇ ବ୍ଲକ୍ ପ୍ରଶାସନ ଚୁପ ବସିଯାଇଥିଲା। ଏ ନେଇ କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାରୁ ଚଳିତ ମାସ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୬୫ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ। ସେମାନେ ଜାଲ୍ ସ୍କୁଲ ସାର୍ଟିଫିକେଟ ଓ ଭୋଟର ପରିଚୟ ପତ୍ରରେ ବୟସ ବଢ଼ାଇ ଭତ୍ତା ହାତେଇ ନେଇଥିଲେ। ଭତ୍ତା ନିମନ୍ତେ ହିତାଧିକାରୀମାନେ ଅରଗଳ ନଦୀକୂଳ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯାଜପୁରର ବିରିପଟା ହାଇସ୍କୁଲ, ଜରିର ଏକ ସ୍କୁଲ ସମେତ ଅନ୍ୟ ଏକ ସ୍କୁଲରୁ ଜାଲ୍ ସାର୍ଟିଫିକେଟ ଆଣି ଭତ୍ତା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ବ୍ଲକ ପକ୍ଷରୁ ଏକ ସାମୂହିକ ତଦନ୍ତ ପ୍ରକ୍ରିୟା ଅରଗଳ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିଲା। ଏହି ଯାଞ୍ଚରେ ୩୯୨ ହିତାଧିକାରୀଙ୍କ ମଧ୍ୟରୁ ୨୩୦ ଜଣ ଯାଞ୍ଚରେ ସାମିଲ ହୋଇଥିଲେ।

# କ୍ରୀଡ଼ା ମଣିଷକୁ ସହନଶୀଳତା ଶିକ୍ଷା ଦିଏ



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଆଳି, ୧୩।୧୨ (ବନମାଳୀ ସେନାପତି)

କ୍ରୀଡା ମଣିଷକୁ ମାନସିକ କି ଶାରୀ--ରିକ ପୁଷ୍ଟି ସାଧନରେ ସହାୟକ ହେବା ସହ ଧୈର୍ଯ୍ୟ, ସହନଶୀଳତା, ସହଯୋଗ ଓ ସମବେଦନା ଶିକ୍ଷା ଦେଇଥାଏ। ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ତମ ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ସାହିତ୍ୟିକ ବନମାଳୀ ସେନାପତି ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରସ୍ଥ ପିନାକିଲ ହ୍ୟୁମାନ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ କହିଥିଲେ, ଆଜିର ସମାଜରେ ବହି ଶିକ୍ଷାର ଯେତିକି ଗୁରୁତ୍ୱ ଅଛି ଶାରିରୀକ ଶିକ୍ଷାର ମଧ୍ୟ ସମପରିମାଣର ରହିଛି। କେବଳ ପୁସ୍ତକ କୀଟ ନ ହୋଇ ସବୁ କିଛି ଜାଣିବାର ଆବଶ୍ୟକତା ରହିଛି। ଅନୁଷ୍ଠାନରେ ଏକ କମ୍ପ୍ୟୁଟର ଲ୍ୟାବ ଖୋଲିବା ପାଇଁ ସହଯୋଗ କରିବା ସହ ଆଗାମୀଦିନରେ ଆହୁରି ଅଧିକ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ବକ୍ତା ଭାବେ ଆଳି ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶରତ ଚନ୍ଦ୍ର ସାହୁ ଯୋଗଦେଇ ଅନୁଷ୍ଠାନ ପିଲାମାନଙ୍କୁ କ୍ରୀଡା କ୍ଷେତ୍ରରେ ଯେତେ ପ୍ରକାର ସହଯୋଗର ଆବଶ୍ୟକତା ରହିଛି ତାହା ସେ କରିବାକୁ ପ୍ରସ୍ତୁତ ଅଛନ୍ତି। ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ଉପସଭାପତି କଳ୍ପନା ପଣ୍ଡା କହିଥିଲେ, ପିଲାମାନେ ସବୁ ବିଷୟରେ ଜ୍ଞାନ ଅର୍ଜନ କରିବା ଉଚିତ ତା ନ ହେଲେ ସେମାନେ ପ୍ରତିଦ୍ୱନ୍ଦ୍ୱିତାରେ ପଛରେ ରହିଯିବେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଧନ୍ୟବାଦ ଦେଇଥିଲେ। କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବ ପୂର୍ବରୁ ମୁଖ୍ୟ ଅତିଥି ଦାଶଙ୍କ ବାପାଙ୍କ ନାମରେ ନାମିତ ବୈଦ୍ୟନାଥ କମ୍ପ୍ୟୁଟର ଲ୍ୟାବକୁ ଉଦ୍‌ଘାଟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପାଟକୁରା ଲୋକନାଥ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ୋତ୍ସବ

ପାଟକୁରା ୧୩।୧୨(ରବୀନ୍ଦ୍ର ନାଥ ବାରିକ)

ସ୍ଥାନୀୟ ଲୋକନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଯୁକ୍ତ ୨, ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଜାତୀୟ ସ୍ତରରେ ମହାବିଦ୍ୟାଳୟ ପାଇଁ ଗୌରବ ଆଣିବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମାହାଳ ହରିହର କ୍ଷେତ୍ରରୁ ମଶାଲ ଆଣିବା ସହ ୫ କିଲୋମିଟରର ମାରାଥନ ଦୌଡ଼ ପତିଯୋଗିତା ସହ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମଞ୍ଚରେ କ୍ରୀଡା ଦାୟିତ୍ୱରେ ଥିବା ଅଧ୍ୟାପକ ସରୋଜ ସ୍ୱାଇଁ, ରମାକାନ୍ତ ପାଣି, ଅଟଳ ମଲ୍ଲିକ, ମାନସ ପେଟନାୟକ, ଦୁର୍ଯ୍ୟୋଧନ ଜେନା, ମନୋରଞ୍ଜନ ଦାସ ଓ ଅନ୍ୟ କ୍ରୀଡା କ୍ଲବର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ଜାବିଲିନ ଥ୍ରୋ, ସର୍ଟ ପୁଟ, କ୍ରିକେଟ, ଭଲି ଓ ମିଉଜିକ ଚେୟାର ଆଦି ପ୍ରତିଯୋଗିତା ୨ଦିନ ଚାଲିବାର ଅଧ୍ୟକ୍ଷ ଘୋଷଣା କରିଥିଲେ। ଶେଷରେ ଇତିହାସ ବିଭାଗ ଅଧ୍ୟପାକ ରମାକାନ୍ତ ପାଣି ଧନ୍ୟବାଦ ଦେଇଥିଲେ। ପରେ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା ।

# ଦଶଭଗାରିଆ, ମଙ୍ଗଳପୁର ଗାଁରେ ୪ ସ୍ଥାନରେ ଚୋରି

ରାଜକନିକା, ୧୩।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବଢି ଚାଲିଛି। ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋରି କରି ଚାଲିଛନ୍ତି। ପୋଲିସ ଚୋରି ଓ ଚୋରଙ୍କ ଟେର ପାଉନାହିଁ। ଏହିକ୍ରମରେ ଗୁରୁବାର ବିଳମ୍ବିତ ରାତ୍ରିରେ ଭରିଗଦା ପଞ୍ଚାୟତର ଦଶଭାଗାରିଆ ଗାଁର ଶିବ ମନ୍ଦିରର ଗ୍ରିଲ ଭାଙ୍ଗି ଭିତରେ ଥିବା ହୁଣ୍ଡିକୁ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ କରିବା ସହ ସିସିଟିଭିର ହାଡ଼ ଡିସ୍କଗୁଡ଼ିକୁ ନେଇଯାଇଛନ୍ତି। ୨ୟରେ ସେହି ଗାଁର ପ୍ରତାପ ବେହେରାଙ୍କ ଘରୁ ଏବଂ ଦାମୋଦର ମହଲାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତର ମଙ୍ଗଳପୁର ଗାଁର ହନୁମାନ ମନ୍ଦିର ଗେଟ୍ ତାଡି ଦାନବାକ୍ସକୁ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ଏଥିପ୍ରତି କେନ୍ଦ୍ରାପଡ଼ା ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୧୩ତମ ଡେରାବିଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର ସଦସ୍ୟମାନେ।

ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ଲୋକକଳାକୁ ଉଦ୍‌ଜୀବିତ ରଖିବାକୁ ଚଳିତ ମାସ ୨୫ରୁ ୩୧ ଯାଏ ଡେରାବିଶ ମିନିଷ୍ଟାଡିୟମରେ ଡେରାବିଶ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହୋତ୍ସବକୁ ନୂତନ ରୂପରେଖ ଦେବା ସହ ଆହୁରି ଆକର୍ଷଣିୟ କରିବାକୁ ଶୁକ୍ରବାର ମହୋତ୍ସବ ଆୟୋଜକ ଡେରାବିଶ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତର କିରଣକୁଞ୍ଜ ପରିସରରେ ଅନୁଷ୍ଠିତ ହୋଇଥିବା ବୈଠକରେ ସଙ୍ଗଠନ ସଭାପତି ଡ. ଭକ୍ତକବି ଦାସ ଅଧ୍ୟକ୍ଷତା କରି ମହୋତ୍ସବ ପାଇଁ ପ୍ରସ୍ତୁତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନର ସହଯୋଗରେ ବାହାର ଜିଲାର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନକୁ କିପରି ଆମନ୍ତ୍ରଣ କରାଯିବ, ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ଯୋଗଦେବା ଲାଗି ରାଜ୍ୟର ବିଶିଷ୍ଟ ବ୍ୟକ୍ତମାନଙ୍କୁ ଆମନ୍ତ୍ରଣ କରିବାକୁ ବୈଠକରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରିଥିଲେ। ଏଥିସହ ପ୍ରତିବର୍ଷ ପରି ଚଳିତ ବର୍ଷ ବିଭିନ୍ନ ଘରକରଣା ସାମଗ୍ରୀ ସହ ଫାଷ୍ଟଫୁଡ ବ୍ୟବସାୟୀ ସେମାନଙ୍କ ଅସ୍ଥାୟୀ ବ୍ୟବସାୟ କେନ୍ଦ୍ର ପାଇଁ ଶୃଙ୍ଖଳିତ ଭାବେ କିପରି ତାଙ୍କ ପ୍ରତିଷ୍ଠାନ ବସାଇ ପରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ମହୋତ୍ସବ ସ୍ମରଣିକା ଦିଗଦର୍ଶନୀ ପ୍ରକାଶନ ପାଇଁ ଏକ ସବ କମିଟି ଗଠନ କରାଯିବା ସହ ଏଥିପାଇଁ କିପରି ଲେଖା ସଂଗ୍ରହ କରାଯିବ, ସେହିପରି ପ୍ରଶାସନ ପକ୍ଷରୁ କିପରି ଅଧିକ ସଂଖ୍ୟକ ଷ୍ଟଲ ବ୍ୟବସ୍ଥା କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ସଙ୍ଗଠନର ଉପସଭାପତି ମହେନ୍ଦ୍ର କୁମାର ସିଂହ, ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ଉପଦେଷ୍ଟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ହଳଧର ଦାଶ, ସଚ୍ଚିଦାନନ୍ଦ ରଥ ଓ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, କର୍ମକର୍ତ୍ତା ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭେଇ, ସାହାଜାନ ଖାନ୍, ନିରଞ୍ଜନ କର, ପୂର୍ଣ୍ଣାନନ୍ଦ ବେହେରା, ସରୋଜ କୁମାର ଦାଶ, ବିପିନ ବିହାରୀ ସାହୁ, ଶାନ୍ତିସ୍ୱରୂପ ଭୂୟାଁ, ରାମଚନ୍ଦ୍ର ରାଉତ, ଖୁର୍‌ସିଦ୍ ଆଲମ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ସଙ୍ଗଠନ କର୍ମକର୍ତ୍ତା ତ୍ରିଲୋଚନ ରାଉତ ଧନ୍ୟବାଦ ଦେଇଥିଲେ।

# ଫେଲ୍‌ମାରିଛି ଗ୍ରାମାଞ୍ଚଳ ଆଲୋକୀକରଣ ବ୍ୟବସ୍ଥା

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୩।୧୨
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)

**ଅଚଳବତିକୁ ସଚଳ ଲାଗି ଦାବି**



ଷ୍ଟ୍ରିଟ ଲାଇଟ ମିଞ୍ଜିମିଞ୍ଜି ଜଳୁଛି।



ସୋଲାର ଲାଇଟ ଅଚଳ ହୋଇପଡ଼ିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳରେ ସରକାରଙ୍କ ଆଲୋକୀକରଣ ବ୍ୟବସ୍ଥା ଫେଲ୍ ମାରିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଅନ୍ଧାରରେ ଯିବା ଆସିବା କରୁଛନ୍ତି। ଗାଁ ଦାଣ୍ଡ ଆଲୋକୀକରଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ବିଜୁଳି ବତି ବ୍ୟବସ୍ଥା କରିଥିଲେ। ହେଲେ ମରାମତି ଅଭାବରୁ ଲାଗିଥିବା ଲାଇଟ ଅଚଳ ହୋଇ ପଡ଼ି ରହିଛି। ପ୍ରତି ପଞ୍ଚାୟତରେ ଲାଇଟଗୁଡ଼ିକରୁ ଅର୍ଦ୍ଧାଧିକ ଜଳୁ ନ ଥିଲେ ମଧ୍ୟ ଲୋକ ପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀ କାହାର ସେଥିପ୍ରତି ଦୃଷ୍ଟି ଥିବା ପରି ଜଣାପଡୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ସନ୍ତୋଷ ମଲ୍ଲିକ କହିଛନ୍ତି, ଗାଁ ଦାଣ୍ଡରେ ବିଜୁଳି ବତି ଜଳିବା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ବ୍ଲକ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ପାଣ୍ଠିରୁ ଅର୍ଥ ବିନିଯୋଗ କରି ଆଲୋକୀକରଣ ବ୍ୟବସ୍ଥା କରିଥିଲେ। ଏଥିପାଇଁ ପଞ୍ଚାୟତସ୍ତରରୁ ପ୍ରକ୍ରିୟା ଆରମ୍ଭ ହୋଇ ଅର୍ଥ ବିନିଯୋଗ ନିମନ୍ତେ ସବୁପ୍ରକାର ତଦାରଖ କରାଯାଇଥିଲା। ପ୍ରତି ଗାଁର ଆବଶ୍ୟକ ସ୍ଥାନରେ ଏକାଧିକ ଲାଇଟଷ୍ଟାଣ୍ଡ ପ୍ରତ୍ୟେକ ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇଥିଲା। ଗାଁ ଦାଣ୍ଡରେ ବିଜୁଳି ବତି ଜଳିଥିଲା। ସେତେବେଳେ ବିଜୁଳି ବତି ଲଗାଇବାରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହୃତ ହେଉଥିବାରୁ ଏହାକୁ ଅନେକ ଲୋକ ଓ ସଙ୍ଗଠନ ବିରୋଧ କରିଥିଲେ। ଏବେ ଏହି ଯୋଜନାରେ ଖର୍ଚ୍ଚ ହୋଇଥିବା ପାଣ୍ଠିର ସଦବିନିଯୋଗ ହୋଇ ନ ପାରି ବାଟ ମାରଣା ହୋଇଥିବା କାରଣରୁ ଗାଁ ଦାଣ୍ଡରେ ଆଉ ବିଜୁଳି ବତୀ ଜଳୁନାହିଁ। ଗାଁ ଆଲୋକୀକରଣ ପାଇଁ ଲାଗିଥିବା ଲାଇଟ ଏବେ ଲିଭି ଗଲାଣି। ଗାଁ ଏବେ ସମ୍ପୂର୍ଣ୍ଣ ଅନ୍ଧାର ହୋଇଥିବା ବେଳେ ଅଭିଯୋଗ ଶୁଣି ସଜାଡ଼ିବାକୁ କେହି ହେଲେ ଆଗ୍ରହ ଦେଖାଉ ନାହାନ୍ତି। କଂଗ୍ରେସ ନେତା ମଳୟ ଦାସ କହିଛନ୍ତି, ଯାହା ଆସିଥିଲା ଭଲ କି ଖରାପ ହେଉ କାମ ସାରି ଦେଇ ବିଲ ନେଇ ସମସ୍ତେ ଏବେ ଚୁପ। ଅଭିନବ ଉପାୟରେ ଏହି ଯୋଜନାର ଅର୍ଥ ଲୁଟ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତରେ ଏପରି ଅବସ୍ଥା ଊଣା ଅଧିକେ ସବୁଠି ଦେଖିବାକୁ ମିଳୁଛି। ଦେଖିବାକୁ ଗଲେ ଅନେକ ଛକ ସ୍ଥାନଗୁଡ଼ିକରେ ଏବେ ବିଦ୍ୟୁତ୍ ଖୁଣ୍ଟ ଅଛି ହେଲେ ବତି କିମ୍ବା ତା' ଷ୍ଟାଣ୍ଡ ନାହିଁ। ବିଭାଗ ମଧ୍ୟ ସେହିସବୁ ସ୍ଥାନକୁ ବୁଲି ଦେଖୁନାହିଁ ବତି ଏବେ ଜଳୁଛି ନାଁ ଲିଭିଛି। ତାହା ହେଲେ କ'ଣ ସରକାର ଟଙ୍କା ଦେଇଥିଲେ କେବଳ ବତି ଜଳାଇ ଦେବା ପରେ ତାହା ଜଳୁ ଅବା ଲିଭୁ ସେଥିରେ କାହାର କିଛି ଯାଏ ଆସେ ନାହିଁ । ଖଡ଼ିଅଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ପାଖରୁ ବଜାର ପୋଲ ଓ ଦଳିତ ସାହି ପର୍ଯ୍ୟନ୍ତ ପ୍ରାୟ ୨୫ ରୁ ଅଧିକ ସୋଲାର ଲାଇଟ ଲଗାଯାଇଥିଲା। ସୋଲାର ଲାଇଟ ଓ ଖୁଣ୍ଟ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ ମଧ୍ୟ ତାହାର କୌଣସି ଖୋଜ ଖବର ନାହିଁ। ବୁଦ୍ଧିଜୀବୀ ବିଜୟ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାୟ ପ୍ରତ୍ୟେକ ପଞ୍ଚାୟତରେ ପୂର୍ବରୁ ଲାଗିଥିବା ଲାଇଟଗୁଡିକ ଅଚଳ ହୋଇପଡ଼ିଥିବା ସ୍ଥଳେ ଏବେ ସେହି ଖୁଣ୍ଟଗୁଡ଼ିକରେ କେବଳ ଅଚଳ ବତି ଝୁଲୁଛି। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ପାଣ୍ଠିରୁ ଖର୍ଚ୍ଚ କରି ଗାଁ ଆଲୋକୀକରଣ କରିବା ପାଇଁ ଅର୍ଥ ସିଧାସଳଖ ପଞ୍ଚାୟତକୁ ଆସିଛି। ନିୟମ ଅନୁସାରେ, ଏହି ଅର୍ଥର ବିନିଯୋଗ ପାଇଁ ପଞ୍ଚାୟତ ଟେଣ୍ଡର ମାଧ୍ୟମରେ ବିଦ୍ୟୁତ୍ ବିଭାଗର ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦେବା କଥା। କିନ୍ତୁ ସେପରି କିଛି ହୋଇ ନ ଥିବା ସେତେବେଳେ ଲୋକେ ଅଭିଯୋଗ ମଧ୍ୟ କରିଥିଲେ। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ପଟ୍ଟାମୁଣ୍ଡାଇର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ଲାଇଟ ଏକ ସଂସ୍ଥା ଲଗାଇଥିଲା। ଚୁକ୍ତିନାମା ଅନୁଯାୟୀ ଏହି ସଂସ୍ଥା ଅବଧି ପୂର୍ବରୁ ଖରାପ ହୋଇ ପଡୁଥିବା ଲାଇଟର ମରାମତି କରିବା କଥା। କିନ୍ତୁ ମରାମତି ହେଉନାହିଁ। ପଞ୍ଚାୟତରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇବାକୁ ଥିବାବେଳେ ପଞ୍ଚାୟତର ଅଧିକାରୀମାନେ ସେତେବେଳେ ଟେଣ୍ଡର ନ କରି ସଲାସୁତରାରେ ଏହି କାର୍ଯ୍ୟକୁ ଅଧିକ କମିଶନି ଆଧାରରେ କରିବାକୁ ଦେଇଥିବା ଏବେ ଅଭିଯୋଗ ଉଠିଛି। ଫଳରେ ଖରାପ ଲାଇଟଗୁଡ଼ିକ ଆଉ ମରାମତି ହୋଇ ନ ପାରି ସବୁଦିନ ଲାଗି ଅଚଳ ହୋଇ ପଡିରହୁଛି। ଏବେ ଏହିସବୁ ଅଚଳ ବତୀ କିପରି ସଚଳ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଲରେ ନଡ଼ା, ପାଳ ପୋଡ଼ି ବଢୁଛି

**ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ଧାନ ଜମିରେ ନଡ଼ା ଓ ପାଳ ପୋଡି ବଢୁଛି। ଏ ନେଇ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ବାୟୁ ପ୍ରଦୂଷଣ ବଢିବା ସହ ପରିବେଶ ଦୂଷିତ ହେଉଛି। ଏଥିପାଇଁ ବଜେଟରେ ଚାଷ ଓ ଗୋପାଳନ ପାଇଁ ଅଧିକ ପରିମାଣର ଅର୍ଥ ବ୍ୟବସ୍ଥା ପାଇଁ ଦାବି ଉଠିଛି। ଏଭଳିସ୍ଥଳେ ନୟାଗଡ଼ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ ଗାଁ ଗହଳିରେ ଗାଈ, ବଳଦ, ପୋଢ଼, ମଇଁଷିଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ଘରେ ଗୃହ ପାଳିତ ପ୍ରାଣୀ, ଗାଁରେ ଚାଳ ଛପର ଘର ନ ଥିବା କାରଣରୁ ପାଳ ଓ ନଡା ଆଉ ଦରକାର ହେଉନାହିଁ। ଆଗରୁ ଧାନ ଘର ବାରିକୁ ଅଣାଯାଇ ବେଙ୍ଗଳା ପକାଯାଏ। ଏବେ ଧାନବିଲରେ ମେଶିନ ସାହାଯ୍ୟରେ ଧାନ କଟା ଓ ଅମଳ କରାଯାଉଛି। ପାଳ ଓ ନଡ଼ା ବାରିକୁ ଆଣିବାକୁ ହେଲେ ପରିବହନ ବାବଦରେ ଚାଷୀ ଖର୍ଚ୍ଚ କରୁଛି ତାହା ପାଉନାହିଁ। ଏଣୁ ଧାନ ଜମିଠାରୁ ଆଉ ବାରି ଖଳାକୁ ନଡ଼ା ପାଳ ଚାଷୀ ଆଣୁ ନାହାନ୍ତି। ବିଲରେ ଧାନ ଅମଳ ପରେ କେବଳ ପାଳ ହେଉଛି। ଆଉ ଆଗପରି ନଡ଼ା କରାଯାଉନି। ଚାଷୀ ଜମିରେ ପାଳ ଛାଡ଼ି ଚାଲି ଆସୁଛି। ପରେ ପାଳରେ ନିଆଁ ଲଗାଇ ଦେଇ ପୋଡ଼ି ଦେଉଛି। କିଛି ଛତୁ ଚାଷୀ ନଡ଼ା ନେଉଛନ୍ତି। ହେଲେ ଅମଳ ହେଉଥିବା ସମସ୍ତ ନଡ଼ାକୁ ଛତୁ ଚାଷୀ ନେଉ ନ ଥିବାରୁ ନଡ଼ା ଆଉ ଚାଷୀ ବାହାର କରୁ ନାହାନ୍ତି। ଏଣୁ ଧାନ ଅମଳ ସରିବା ପରେ ଚାଷୀ ବିଲରେ ନଡ଼ା ପାଳ ପୋଡ଼ି ଦେଉଛନ୍ତି। ଏଭଳି ନଡ଼ା ପାଳ ପୋଡ଼ିବା ପ୍ରକ୍ରିୟା ବିଗତ କିଛିବର୍ଷ ହେଲା ଚାଲୁ ରହିବା ପରେ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ନଡ଼ା ଓ ପାଳ ପୋଡ଼ି କାରଣରୁ ପରିବେଶ ଦୂଷିତ ହେବା ସହ ବାୟୁ ପ୍ରଦୂଷଣ ବଢିବାରେ ଲାଗିଛି। ଏହାର ପ୍ରଭାବରେ ଜନସାଧାରଣ ମୁଖ୍ୟତଃ ଶ୍ୱାସ ଜନିତ ରୋଗ ସହ ଅନେକ ପ୍ରକାର ରୋଗରେ ରୋଗାକ୍ରାନ୍ତ ହେଉଛନ୍ତି। ଏ ନେଇ ନଡ଼ାପାଳର ଚାହିଦା କମିଯାଇଛି।



ଚାଷ ଜମିରେ ପାଳକୁ ଚାଷୀମାନେ ନିଆଁ ଲଗାଇଦେଇଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

- **ନାହିଁ ସଚେତନତା, ହେଉନି କାର୍ଯ୍ୟାନୁଷ୍ଠାନ**
- **ପ୍ରଦୂଷିତ ହେଉଛି ବାୟୁ ଓ ଦୂଷିତ ହେଉଛି ପରିବେଶ**
- **ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲା ଚାଷୀ ସଙ୍ଗଠନ**
- **ବଜେଟରେ ଚାଷ ଓ ଗୋପାଳନ ପାଇଁ ଅର୍ଥ ବ୍ୟବସ୍ଥା ଦାବି**

ଏହାର ନିରାକରଣ ପାଇଁ ଗୋସମ୍ପଦ ବୃଦ୍ଧି ନିହାତି ଜରୁରୀ ହୋଇପଡ଼ିଛି। ଗୋସମ୍ପଦ କମିଯିବା ହେତୁ ଜମିକୁ ଗୋବର ଖତ ଭଳି ଜୈବିକ ସାର ମିଳୁନାହିଁ। ଯାହା ଚାଷ ପାଇଁ ନିତ୍ୟାନ୍ତ ଜରୁରୀ। ଏବେ ଚାଷୀଙ୍କ ପାଖରେ ଗୋବର ଖତ ନ ଥିବା ଯୋଗୁ ରାସାୟନିକ ସାର ଚାଷୀ ଜମିରେ ପକାଉଛନ୍ତି। ଏ ନେଇ ଜିଲା ନବ ନିର୍ମାଣ କୃଷକ ସଙ୍ଗଠନର ସଭାପତି ରଣଜିତ ଦଳବେହେରା କହିଛନ୍ତି, ଜମିରେ ନଡ଼ା ଓ ପାଳ ପୋଡ଼ି ହେବା ପରିବେଶ ପାଇଁ ଶୁଭଙ୍କର ନୁହେଁ। ନଡ଼ା ଓ ପାଳ ପୋଡ଼ି ଯୋଗୁ ଗାଈ, ମଇଁଷି ପରି ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଛି। ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ଯୋଗୁ ଜମିରେ ଆଉ ଜୈବିକ ସାର ପକାଇବା ପାଇଁ ମିଳୁ ନାହିଁ। ରାସାୟନିକ ସାର ପ୍ରୟୋଗ ଯୋଗୁ ଲୋକଙ୍କର ରୋଗ ବଢୁଛି। ପ୍ରତିଦିନ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମେଡିସିନ ପାଇଁ ଧାଉଁଛନ୍ତି। ସରକାର ମଧ କ୍ଷତି ସହୁଛନ୍ତି। ଚାଷ ସହ ଗୋ ସମ୍ପଦ ଅଙ୍ଗାଙ୍ଗୀ ଭାବେ ଜଡିତ। ଯେବେଠାରୁ ଗୋ ସମ୍ପଦ ହ୍ରାସ ହେଲାଣି ସେବେଠାରୁ ରୋଗ ବଢ଼ିଲାଣି। ଏଣୁ ନଡ଼ା ଓ ପାଳ ନ ପୋଡିବା ପାଇଁ ସରକାର ସ୍ୱତନ୍ତ୍ର ଆଇନ ଆଣନ୍ତୁ। ବଜେଟରେ ଚାଷ ଓ ଗୋପାଳନ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ କରାଯାଉ ବୋଲି କହିଛନ୍ତି। ଜିଲା ସଂଯୋଜକ ପ୍ରସନ୍ନ ପ୍ରଧାନ କହିଛନ୍ତି, ନଡ଼ା ଓ ପାଳ ପୋଡ଼ି ରୋକିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କଲୁ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛୁ। ଚାଷୀମାନଙ୍କୁ ସଚେନତ କରନ୍ତୁ। କୃଷି ବିଭାଗ ସହ ଆଲୋଚନା କରିବି। ନଡ଼ା ଓ ପାଳ ପୋଡି ବନ୍ଦ କରିବାକୁ ପଦକ୍ଷେପ ନେବୁ ବୋଲି ଜିଲାପାଳ କହିଛନ୍ତି। ଯୁବ ଚାଷୀ ବାଲୁଗାଁର ଆସୁତୋଷ ବଡପଣ୍ଡା କହିଛନ୍ତି, ଗାଁରେ ଦେଶୀ ଗାଈ ଆଉ ଦେଖିବାକୁ ମିଳୁନାହାନ୍ତି। ତେବେ କାଁ ଭାଁ ସ୍ଥାନରେ ଦର୍ଶ ଗାଈ ରଖୁଛନ୍ତି। ତେବେ ଚାଷ ବଢ଼ିଥିବାବେଳେ ସ୍ୱଳ୍ପ ପରିମାଣର ଦର୍ଶ ଗାଈଙ୍କ ପର୍ଯ୍ୟାପ୍ତ ପରିମାଣର ନଡ଼ା ପାଳ ଖାଇବା ସମ୍ଭବ ନୁହେଁ। ଏଣୁ କୃଷି ବିଭାଗ ନଡ଼ା ଓ ପାଳ ପୋଡ଼ି ରୋକିବାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର।

## ମହାଲକ୍ଷ୍ମୀପୂଜା ଉପଲକ୍ଷେ ବାଦୀପାଲା



ବାଦୀପାଲା ଉତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଣ୍ଡପଡା,୧୩।୧୨**
**(ଅଜୟ କୁମାର ମହାରଣା)**

ମା' ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ଗ୍ରାମ୍ୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମା' ମହାଲକ୍ଷ୍ମୀଙ୍କ ୪୩ତମ ବାଦୀପାଲା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ପୂର୍ବତନ ସରପଞ୍ଚ ଆର୍ତ୍ତବନ୍ଧୁ ଗୋଚ୍ଛିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ଧ୍ୟାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଦିପାଲା ମହୋତ୍ସବକୁ ଉଦ୍‌ଘାଟନ କରି ଗ୍ରାମର ବିକାଶ ତଥା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶେଷ କରି ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭାଇଚାରା ସୃଷ୍ଟି ସହ ଗ୍ରାମର ଏକତା ବଜାୟ ରହିଥାଏ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, କଣ୍ଟିଲୋ ରଘୁନାଥ ଜୀଉ ମଠ ୱେଲଫେୟାର ଟ୍ରଷ୍ଟର ସମ୍ପାଦକ ରାଜେଶ କୁମାର ଦାସ, ସଦସ୍ୟ ସନ୍ତୋଷ କୁମାର ସାହୁ, ପବିତ୍ର କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରଘୁନାଥ ଜୀଉ ମଠ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠାନର ସମ୍ପାଦକ ଦାସ, ବିଧାୟକ ସ୍ୱାଇଁଙ୍କୁ ତାଙ୍କର ଉତ୍ସର୍ଗୀକୃତ ସମାଜସେବା ନିମନ୍ତେ ମାନପତ୍ର ପ୍ରଦାନ କରିଥିଲେ। ବାଦିପାଲା ମହୋତ୍ସବର ପ୍ରଥମ ରାତ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ସାଥୀ ପାଲା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାର ରହିଛି। ବାଦିପାଲା କାର୍ଯ୍ୟକ୍ରମକୁ ବେଣାଗାଡିଆ ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ।

## ଜୟନ୍ତୀରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ନୟାଗଡ଼,୧୩।୧୨**
**(ଲୋକନାଥ ମିଶ୍ର)**

ବିଶ୍ୱବିଶ୍ରୁତ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ଓରଫ ପଠାଣି ସାମନ୍ତଙ୍କ ୧୯୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ପ୍ରତିମୂର୍ତ୍ତିରେ ନୟାଗଡ଼ ସଂସ୍କୃତି ଭବନ ପରିସରରେ ଧୂପ, ପୁଷ୍ପ ଏବଂ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲା ପ୍ରଶାସନ ଏବଂ ପଠାଣି ସାମନ୍ତ ଜୟନ୍ତୀ କମିଟି ପକ୍ଷରୁ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ପଠାଣି ସାମନ୍ତ ଜୟନ୍ତୀ କମିଟି ସଭାପତି ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଉପସଭାପତି ରଣଜିତ ଦାଶ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ସାହିତ୍ୟିକ ବିଜୟ ଚୌଧୁରୀ, ସାମାଜିକ କର୍ମୀ ଦାମୋଦର ସାହୁ, ଦୁର୍ଯ୍ୟୋଧନ ସାହୁ, ନିର୍ମଳ ଶୁରଦେଓ, ଗୋଦାବରୀଶ ମିଶ୍ର, ଗୋକୁଳ ଷଡଙ୍ଗୀ, ସୁରେନ୍ଦ୍ରନାଥ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ପ୍ରତାପ ନନ୍ଦ, ଲକ୍ଷ୍ମୀଧର ସାହୁ, ସୁମନ କୁମାର ସାହୁ, ପ୍ରଦୀପ୍ତ ଡାକୁଆ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଜୟନ୍ତୀ ଉତ୍ସବ ଅବସରରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ଶିକାର ପାଇଁ ଜାଲ ବିଛେଇ ଶିକାରୀ ଗିରଫ



ଶିକାରୀଙ୍କଠାରୁ ଜବତ ହୋଇଥିବା ବାଉଁଶ କିଲା ଓ ବିଦ୍ୟୁତ୍ ତାର। ଗିରଫ ଶିକାରୀ ବିଜୟ କୁମାର ସ୍ୱାଇଁ।

**ଓଡ଼ଗାଁ, ୧୩।୧୨**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ସାକେରୀ ଫାସିପଲ୍ଲୀ ବିଟ୍ ଅଞ୍ଚଳର ଧାଡ଼ି ସଂରକ୍ଷିତ ଜଙ୍ଗଲ ମଇଡିପ ନିକଟରେ ଏକ ଜମିରେ ୫୦ବାଉଁଶ କିଲା ସହିତ ବିଦ୍ୟୁତ ତାର ବିଛାଇ ବନ୍ୟ ପ୍ରାଣୀ ଶିକାର କରିବା ବେଳେ ତାର ଉଠାଉଥିବା ବନ କର୍ମଚାରୀ ଶିକାରୀମାନଙ୍କ କ୍ରୋଧର ଶିକାର ହୋଇଥିଲେ। ଅନ୍ଧାର ରାତିରେ ଶିକାରୀଙ୍କ ପଥର ମାଡ଼ କରିଥିଲେ ମଧ ସେମାନେ ଓହରି ନ ଥିଲେ। ବରଂ ଜୀବନକୁ ବାଜି ଲଗାଇ ବ୍ୟବହୃତ ତାର, ବାଉଁଶ କିଲା, କାତି, ଶାବଳ, ସାଇକେଲ ଓ ଟର୍ଚ୍ଚ ଜବତ କରିବା ସହିତ ଜଣେ ଶିକାରୀକୁ ଗିରଫ କରିବାରେ ସଫଳ ହୋଇଥିଲେ।

**ବନ କର୍ମଚାରୀଙ୍କୁ ପଥର ମାଡ଼**

ଗୁରୁବାର ବିଳମ୍ବିତ ରାତିରେ ଓଡ଼ଗାଁ ବିଦ୍ୟୁତ୍‌ବିଭାଗ ଅଧିକାରୀଙ୍କ ସହଯୋଗରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସରିତା ବରାଳଙ୍କ ସହ ବନରକ୍ଷୀ ସୌମ୍ୟ ରଞ୍ଜନ ଦଳେଇ, ଦିଲୀପ କୁମାର ପ୍ରଧାନ ଏବଂ ସ୍କ୍ୱାଡ ଟିମ୍ ସୂଚନା ଅନୁସାରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିଲେ। ଶିକାରୀମାନଙ୍କ ଗତି ବିଧିକୁ ଲକ୍ଷ୍ୟ କରୁଥିବା ବେଳେ ହଠାତ ପଥର ମାଡ଼ ହୋଇଥିଲା। ଏହାକୁ ଖାତିର ନ କରି ବିଛା ହୋଇଥିବା ଜାଲ ଉଠାଇ ଆଣିବା ବେଳେ ଗୋଟିଏ କୁଡ଼ିଆ ଦେଖିବାକୁ ମିଳିଥିଲା। କୁଡ଼ିଆରେ ପଶିଲା ବେଳକୁ ଭିତରୁ ଜଣେ ଶିକାରୀକୁ ପାଇ ବନ କର୍ମଚାରୀ ନିଜ ହେପାଜତକୁ ଆଣିଥିଲେ। ଶେଜ ତଳୁ ୩ କେଜି ତାର, ଶାବଳ, କାତି ଜବତ ହୋଇଥିଲା। ଅଭିଯୁକ୍ତ ଶିକାରୀ ମଦନ ଗାଡ଼ିଆର ବିଜୟ କୁମାର ସ୍ୱାଇଁଙ୍କୁ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଜାମିନରେ ମୁକୁଳିଥିବା ଜଣାଯାଇଛି। ଜଙ୍ଗଲରେ ହାତୀ ନ ଥିବା ବନ ବିଭାଗ ସ୍ପଷ୍ଟ କରିଥିଲା ବେଳେ ହାତୀ ଫସଲ ନଷ୍ଟ କରୁଥିବା ଯୋଗୁ ରାତିରେ କୁଡ଼ିଆ ଭିତରେ ରହି ହାତୀକୁ ଜଗିଥିଲେ ବୋଲି ପଚରାଉଚରା ବେଳେ ବିଜୟ କହିଥିଲେ। ହେଲେ ହାତୀ ଭୟ ଆଦୌ ନ ଥିବା ଏବଂ ଜମିରେ ତାଙ୍କର ଫସଲ ନ ଥିବା ବେଳେ ସେ ଫସଲ ଜଗିବା କହିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ଆବାସ ଯୋଜନାରୁ ବଞ୍ଚିତ: ଜରିପାଲ ତଳେ ବିତୁଛି ଜୀବନ

**ଖଣ୍ଡପଡା,୧୩।୧୨**
**(ଅଜୟ କୁମାର ମହାରଣା)**

ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେଉଛନ୍ତି। ମାତ୍ର ପ୍ରଶାସନିକ ଉଦାସୀନତା ଓ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କର ଆନ୍ତରିକତାର ଅଭାବରୁ ପ୍ରକୃତ ହିତାଧିକାରୀମାନେ ଏହି ଯୋଜନାରେ ସାମିଲ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ସହର ୬ନଂ. ୱାର୍ଡ ଦାଣ୍ଡସାହିର ବାସିନ୍ଦା ପ୍ରଫୁଲ୍ଲ କୁମାର ସିଂହସାମନ୍ତ ଓ ତାଙ୍କର ଅବିବାହିତ ୨ ଭଉଣୀ ଶାନ୍ତିଲତା ଓ ସ୍ୱର୍ଣ୍ଣଲତା ଦୀର୍ଘ ବର୍ଷ ଧରି ଝାଟିମାଟି, ଜରିପାଲ ଛପର ଗୃହରେ ଅତି ଦୟନୀୟ ଅବସ୍ଥାରେ ବାସ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଖଣ୍ଡେ ପାଇବା ନିମନ୍ତେ ପ୍ରଫୁଲ୍ଲ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ପାଇ ନ ଥିବା ଜଣାପଡିଛି। କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଜନସାଧାରଣଙ୍କୁ ଆବାସ ଯୋଜନାରେ ପକ୍କା ଗୃହ ଯୋଗାଇବାର ବ୍ୟବସ୍ଥା କରିଥିଲେ ହେଁ ପ୍ରଫୁଲ୍ଲଙ୍କ ପରିବାର ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



ଜରିପାଲ ଘର ଆଗରେ ଶାନ୍ତିଲତା ଓ ସ୍ୱର୍ଣ୍ଣଲତା।

## ୪୭୭ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ

**ନୂଆଗାଁ, ୧୩।୧୨**
**( ଧନେଶ୍ୱର ସାହୁ)**

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସର ମଧ୍ୟରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ୨୨ ଟି ପଞ୍ଚାୟତରୁ ୪୭୭ ଜଣ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୨୫୧ ଜଣ, ଶ୍ରବଣ ବିଭାଗରେ ୧୨୦ ଜଣ, ଚକ୍ଷୁ ବିଭାଗରେ ୪୮ ଜଣ ଏବଂ ଅନ୍ୟ ବିଭାଗରେ ୫୮ ଜଣ ଯୋଗ ଦେଇଥିଲେ। ଶୁକ୍ରବାର ୨୩ ଜଣଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଜେନେରେଟ ହୋଇଥିବା ବେଳେ ୭ ଜଣଙ୍କୁ ହ୍ୱିଲ ଚେୟାର, ୪ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ୪୨ ଜଣଙ୍କୁ ବିଭିନ୍ନ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏଥିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ବି. ଏସ୍. ରାଓ (ଅସ୍ଥିଶଲ୍ୟ ବିଭାଗ), ଡା. ପ୍ରସନ୍ନ ପ୍ରସାଦ ସାହୁ (ଚକ୍ଷୁ ବିଭାଗ), ଡା. ପୀତବାସ ନାୟକ (ଚକ୍ଷୁ, ନାସା, ଦନ୍ତ ବିଭାଗ), ଡା. ଶତ୍ରୁଘ୍ନ ନାୟକ (ମେଡିସିନ ବିଭାଗ), ନିଷ୍ଠା ରଞ୍ଜନ ଦାସ (ଶ୍ରବଣ ବିଭାଗ)ର ଡାକ୍ତର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସକାଳ ୮ ଘଣ୍ଟିକାଠାରୁ ଅପରାହ୍ନ ୪ ଘଣ୍ଟିକା ପର୍ଯ୍ୟନ୍ତ ଚାଲିଥିଲା ବେଳେ ଅସ୍ଥିଶଲ୍ୟ ବିଭାଗରେ ଅଧିକ ଭିଡ ହୋଇଥିବା ଦେଖିବାକୁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ବିଡିଓ ଡା. ଅମୃତ କୁମାର ରାଉଳ, ନୟାଗଡ଼ ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଭୀମସେନ ସେଠୀ, ଅତିରିକ୍ତ ବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା, ମଙ୍ଗଳ ଅଧିକାରୀ ଯଜ୍ଞେଶ୍ୱର ନାୟକ, ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ, ପୋଲିସ ପ୍ରଶାସନ, କଲେଜର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା ଏବଂ କନିଷ୍ଠ ସହାୟକ ରଘୁନାଥ ସାହୁ ପରିଚାଳନ କରିଥିଲେ।



ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ଫାଇନାଲରେ ଏମ୍‌ଏମ୍‌ସିସି ସମ୍ବଲପୁର

**ନୟାଗଡ଼,୧୩।୧୨**
**(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଲିସାଗର ଷ୍ଟାଡିୟମରେ ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ମ୍ୟାଚରେ ଏମ୍‌ଏମ୍‌ସିସି ସମ୍ବଲପୁର ୧୦୨ରନରେ ବାଲେଶ୍ୱର ଆଦର୍ଶ କ୍ରିକେଟ ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏମ୍‌ଏମ୍‌ସିସି ସମ୍ବଲପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦ୍ରୁତଗତିରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୮୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କ୍ଷମା ସାଗର ବଳ ୪୩ ବଲରେ ୮ ଚୌକା ଓ ୧୦ ଟି ଛକା ସହାୟତାରେ ସର୍ବାଧିକ ୧୧୨ ରନ କରିଥିଲେ। ଜବାବରେ ସମ୍ବଲପୁର ଦଳର ବୋଲିଂକୁ ସାମ୍ନା କରି ନ ପାରି ବାଲେଶ୍ୱର ଟିମ୍ ୧୮.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୩ ରନ କରି ୧୦୨ ରନରେ ପରାସ୍ତ ହୋଇଥିଲା। ବାଲେଶ୍ୱର ଦଳର ବିଶାଲ ଦାସ ୩୨ ବଲରୁ ୩ ଚୌକା ଓ ୨ଟି ଛକା ସହାୟତାରେ ୩୯ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳର କ୍ଷମା ସାଗର ବଳ ଶତକ ମାରି ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇ ରୂପା ମୁଦ୍ରା ପୁରସ୍କାର ପାଇଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ସ୍କୋରର ଦାୟିତ୍ୱ ତୁଲାଇଥିଲ ପବିତ୍ର କୁମାର ଓ ସହାୟତା କରିଥିଲେ ବିଭୂତି ଭୂଷଣ ସାହୁ। ଡିଜିଟାଲ ସ୍କୋର କରିଥିଲେ କିରଣ ମନୋହର ମହାନ୍ତି। ମ୍ୟାଚ ରେଫରୀ ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ହିମାଳୟ ଉତ୍ତର ଗଙ୍ଗାର ଆଧ୍ୟାତ୍ମିକ ଗୁରୁ ଆନନ୍ଦ ସରସ୍ୱତୀ ମହାରାଜଜୀ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ଦାଶ, ସାମାଜିକ କର୍ମୀ ଶ୍ରୀନିବାସ ଦାଶ ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ୍ ମ୍ୟାଚ ପୁରସ୍କାର ଦେଇଥିଲେ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ଭାଇଜାଗର ନବସିପ ଚାମ୍ପିୟନ୍ସ ଟିମ ସହିତ ଏମ୍‌ଏମ୍‌ସିସି ସମ୍ବଲପୁର ସହ ଅନୁଷ୍ଠିତ ହେବ ବୋଲି ଫତେଗଡ ଯୁବକ ସଂଘର ସଭାପତି ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତାକାଲି ବିଶ୍ରାମ ଦିବସର ଭାପୁର ରାଜନେତା ବନାମ ଖଣ୍ଡପଡ଼ା ରାଜନେତା ସହ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।




ଅତିଥିମାନେ କ୍ଷମାସାଗର ବଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

**ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ**

# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରୁ ଯାଜପୁର ବାଦ

## ୨ ବର୍ଷରେ କେବଳ ଖଣି, ଶିଳ୍ପାଞ୍ଚଳରେ ୫୫% ରୋଗୀ ଚିହ୍ନଟ

ଯାଜପୁର,୧୩।୧୨(ହର୍ଷବର୍ଦ୍ଧନ ବେହେରା)

ଦେଶରେ ୨୦୨୩ ସୁଦ୍ଧା ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୧୯୫ ଜଣ ଯକ୍ଷ୍ମା(ଟିବି) ରୋଗରେ ପୀଡ଼ିତ ଥିବାବେଳେ ୨୨ ଜଣ ମୃତ୍ୟୁମୁଖରେ ପଡ଼ିଥିଲେ। ଏହିକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ(ଏନ୍‌ଟିଇପି)ରେ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ଯକ୍ଷ୍ମାମୁକ୍ତ ଭାରତ ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଓଡ଼ିଶାର ୧୯ ଜିଲାରେ ଅଗ୍ରାଧିକାର ଭିତ୍ତିରେ ୧୦୦ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଆରମ୍ଭ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସଚିବ ଅଶ୍ୱଥି ଏସ୍. ମହିଳା ଓ ଶିଶୁ ବିଭାଗ, ଗୃହ ଓ ନଗର ଉନ୍ନୟନ, ମିଶନ ଶକ୍ତି, ସ୍କୁଲ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ ଆଦି ବିଭାଗର ଅଧିକାରୀଙ୍କୁ ୬।୧୨।୨୦୨୪ରେ ପତ୍ର ଲେଖିଛନ୍ତି। ତେବେ ଏହି ଅଭିଯାନରେ ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାକୁ ସ୍ଥାନ ମିଳିନାହିଁ। ଏହି ଜିଲାରେ ୨୦୨୨ରେ ୧,୭୦୦ ଓ ୨୦୨୩ରେ ୧,୬୩୫ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିଲେ। ଉତ୍କଟ ବାୟୁ ପ୍ରଦୂଷଣ ଯୋଗୁ ଜିଲାର ଖଣି ଓ ଶିଳ୍ପାଞ୍ଚଳ ଭାବେ ପରିଚିତ ସୁକିନ୍ଦା, ଧର୍ମଶାଳା ଓ ଦାନଗଦି ବ୍ଲକ ଅଞ୍ଚଳରେ ସର୍ବାଧିକ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଜିଲା ପ୍ରଶାସନର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ସରକାରଙ୍କ ପାଖରେ ଭୁଲ୍ ତଥ୍ୟ ଉପସ୍ଥାପନ ହୋଇଥିବା ମତପ୍ରକାଶ ପାଇଛି। ଏଥିଯୋଗୁ ଯକ୍ଷ୍ମା ରୋଗୀ କେବଳ ବିପଦରେ ପଡ଼ିବେ ତାହା ନୁହେଁ, କେନ୍ଦ୍ର ସରକାରଙ୍କ ଏହି ଲୋକହିତକର ଯୋଜନାର ଲକ୍ଷ୍ୟ ପରାହତ ହୋଇପାରେ।

କେନ୍ଦ୍ର ସରକାରଙ୍କ ଏନ୍‌ଟିଇପି ଯୋଜନାରେ ବଲାଙ୍ଗୀର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାରେ ଯକ୍ଷ୍ମା ସମ୍ପୂର୍ଣ୍ଣ ବିଲୋପ




କରିବା ଲକ୍ଷ୍ୟ ରଖି ଉପରୋକ୍ତ ଅଭିଯାନ ଆରମ୍ଭ ହୋଇଛି। ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୨୦୨୨ରେ ଚିହ୍ନଟ ୧,୭୦୦ ଯକ୍ଷ୍ମା ରୋଗୀଙ୍କ ମଧ୍ୟରୁ ୧,୪୭୮ ଜଣଙ୍କ ଚିକିତ୍ସା ସଫଳ ହୋଇଥିବାବେଳେ ୭୪ ରୋଗୀଙ୍କ ମୃତ୍ୟୁ ହୋଇଥିଲା। କ୍ରୋମାଇଟ ଖଣିରେ ଭରପୂର ସୁକିନ୍ଦାର ଟିବି ୟୁନିଟ୍‌ରେ ସର୍ବାଧିକ ୨୬୦, ଲଘୁ ଖଣି ଅଞ୍ଚଳ ଧର୍ମଶାଳା ୟୁନିଟ୍‌ରେ ୧୯୯, ଶିଳ୍ପ କାରଖାନା ଦାନଗଦି ୟୁନିଟ୍‌ରେ ୧୯୩ ଓ ଯାଜପୁର ରୋଡ୍ ୟୁନିଟରେ ୨୩୧ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ମୋଟ ୧,୭୦୦ରୁ ୮୮୩ ଜଣ(୫୪%) କେବଳ ଶିଳ୍ପ ଓ ଖଣି ଅଞ୍ଚଳର। ତଦନୁସାରେ ଯକ୍ଷ୍ମାଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ଏଠାରେ ସର୍ବାଧିକ ୩୨ ରହିଛି। ୨୦୨୩ରେ ୧,୬୩୫ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବାବେଳେ କେବଳ ଖଣି ଓ ଶିଳ୍ପାଞ୍ଚଳର ୯୩୮ ଜଣ(୫୭%) ରହିଛନ୍ତି। ଜିଲାରେ ଦ୍ରୁତ ଶିଳ୍ପାୟନ ଯୋଗୁ ରାଜ୍ୟ ବାହାର ଲୋକ ଅଧିକ ଲାଭବାନ ହୋଇଛନ୍ତି। କିନ୍ତୁ ଅଞ୍ଚଳବାସୀ ଧୂଳିଧୂଆଁରେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସୁକିନ୍ଦା ଓ କଳିଙ୍ଗନଗର ଓଡ଼ିଶାର ଦ୍ୱିତୀୟ ପ୍ରଦୂଷିତ ସହର ବୋଲି ଅଭିହିତ ହୋଇସାରିଛି। ଏଭଳି ପ୍ରଦୂଷଣକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛି। ରାସ୍ତାର ଧୂଳିଧୂଆଁରେ ଲୋକେ ନୟାନ୍ତ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ, ଶିଳ୍ପ ଯୋଗୁ ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବା ପରିବର୍ତ୍ତେ ଏକାଧିକ ଗ୍ରାମବାସୀ ବିସ୍ଥାପିତ ହେବାକୁ ଦାବି କରୁଛନ୍ତି। କଳକାରଖାନାଗୁଡ଼ିକରେ ସ୍ଥାୟୀ ଶ୍ରମିକଙ୍କ ଅପେକ୍ଷା ଅସ୍ଥାୟୀ ଶ୍ରମିକଙ୍କ ସଂଖ୍ୟା ଅଧିକ। ଏହି ଶ୍ରମିକମାନେ କିଏ କେତେଦିନ କାମ କରୁଛନ୍ତି, ପୁଣି ଚାଲି ଯାଉଛନ୍ତି। ସେମାନଙ୍କର ରୋଗ ଚିହ୍ନଟ ଏବଂ ଚିକିତ୍ସା ସମ୍ଭବପର ହେଉ ନ ଥିବାବେଳେ ତାଙ୍କଠାରୁ ଅନ୍ୟମାନଙ୍କୁ ରୋଗ ସଂକ୍ରମଣ ହେବା ଆଶଙ୍କା ଲାଗି ରହୁଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଅନୁସାରେ ଟିବି ନିରାକରଣ ଅଭିଯାନ କରାଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଯୁକ୍ତ ଭାବେ ରିପୋର୍ଟ ପ୍ରଦାନ କରାଯାଇଥିଲା।

# ୩ ବଖରା ପୋଡ଼ି ପାଉଁଶ



ଦଶରଥପୁର,୧୩।୧୨
(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାରଙ୍କ ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ସୁଶାନ୍ତ ଜେନାଙ୍କ ୧ ବଖରା ଘର ସହ ଗୁହାଳ ପୋଡ଼ିଯାଇଛି। ଏଥିସହିତ ତାଙ୍କର ୪ ଛେଳି ଦଗ୍ଧ ହୋଇଯାଇଛନ୍ତି। ସେହିପରି ଲମ୍ବୋଦର ଜେନାଙ୍କ ୧ ବଖରା ଏବଂ ସୁବ୍ରତ ଜେନାଙ୍କ ୧ ରୋଷଇ ଘର ପୋଡ଼ିଯାଇଛି। ଦଶରଥପୁର ଅଗ୍ନିଶମବାହିନୀ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶୁକ୍ରବାର ସକାଳେ ଦଶରଥପୁର ତହସିଲଦାର ବିକ୍ରମ କେଶରୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳପୁର ଆରଆଇ ପହଞ୍ଚି ଘଟଣାର ତଦନ୍ତ କରିବା ସହ ୩ ପରିବାରକୁ ପାଲ ଯୋଗାଇଦେଇଛନ୍ତି। ଉକ୍ତ ୩ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତିଙ୍କ ଇସ୍ତଫା

ଧର୍ମଶାଳା,୧୩।୧୨(ବଟକୃଷ୍ଣ ପରିଡ଼ା):

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଜଳଧର ସାହୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ରକୁ ଜିଲା ବିଜେଡି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଜଳଧର ଅଣକଂଗ୍ରେସ ରାଜନୀତିରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଜନତା ପାର୍ଟି, ଜନତା ଦଳ ଓ ବିଜେଡିରେ ସକ୍ରିୟ ରାଜନୀତିରେ ରହିଥିଲେ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଉତ୍ତରପ୍ରତାପ ପଞ୍ଚାୟତରୁ ସମିତିସଭ୍ୟଭାବେ ନିର୍ବାଚିତ ହୋଇଥିଲେ। କଳ୍ପତରୁ ଦାସଙ୍କ ସେ ଅତି ଘନିଷ୍ଠ ସହଯୋଗୀ ଭାବେ ରହି ଦଳ ପାଇଁ କାମ କରୁଥିଲେ। ତେବେ ଦେହ ଅସୁସ୍ଥତା କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଏଥିସହିତ ଆଗାମୀ ଦିନରେ ସେ ନିଜ ସହଯୋଗୀ ଓ ସମର୍ଥକମାନଙ୍କ ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସେ ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି।

# କଳିଙ୍ଗ ଭାରତୀ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ

ଚଣ୍ଡିଖୋଲ,୧୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟରେ ଶୁକ୍ରବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରତିଷ୍ଠାତା ମନୋଜ କୁମାର ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଦିଲୀପ କୁମାର ଦେବତା ବେଦ ପାଠ କରିଥିଲେ। ଅଧ୍ୟାପିକା ମମତାରାଣୀ ରାଉତ ଓ ଡ. ଶଙ୍କର ମିଶ୍ର ଗୀତାର ସାମାଜିକ ରୀତିନୀତି, ତାତ୍ତ୍ୱିକ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ, ଶ୍ରୀକାନ୍ତ କୁମାର ପଣ୍ଡା, ଦିଲୀପ କୁମାର ଦେବତା, ଦିଲୀପ କୁମାର ଶତପଥୀ ଓ ପ୍ରଫୁଲ୍ଲ କୁମାର ପରିଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗୀତାର ମହନୀୟତା, ଗୀତା ଅଧ୍ୟୟନ ଓ ଗୀତା ପାଠ ଦ୍ୱାରା ଆଚରଣ ଏବଂ ଉଚ୍ଚାରଣରେ କିପରି ଶୁଦ୍ଧତା ଆସେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ। ଛାତ୍ରୀଛାତ୍ର ଭଜନ ପରିବେଷଣ କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ ଧନ୍ୟବାଦ ଦେଇଥିଲେ।



କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଭାଜପାରେ ମିଶିଲେ ବିଜେଡି କର୍ମୀ

ଦଶରଥପୁର,୧୩।୧୨
(ସୁଶାନ୍ତ କୁମାର ବେହୁରିଆ):

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଖାନନଗର ପଞ୍ଚାୟତର ବହୁ ବିଜେଡି କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଏନେଇ ଥାଲକୁଡ଼ିସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପା ନେତ୍ରୀ ବବିତା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖାନନଗର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଅଲେଖ ଚନ୍ଦ୍ର ମଲ୍ଲିକ, ମନୋଜ ଦାସ, ନିରଞ୍ଜନ ଦାସ, ମହେନ୍ଦ୍ର ଦାସ, ବିକ୍ରମ ମଲ୍ଲିକ, ନାରାୟଣ ମଲ୍ଲିକ, ଦୀପକ ମଲ୍ଲିକ, ବାଙ୍କାବିହାରୀ ମଲ୍ଲିକ, ଗଦାଧର ଦାସ, ଦାମୋଦର ବାରିକ, ପ୍ରମୋଦ ବାରିକ, ନାରାୟଣ ଦାସ ଓ ଭିକାରି ମଲ୍ଲିକ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କ ମିଶ୍ରଣ ଫଳରେ ଦଳ ଅଧିକ ମଜଭୁତ ହେବ ବୋଲି ଦଳର ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ହରିଜନ ମୋର୍ଚ୍ଚା ଉପସଭାପତି ଗୋପୀନାଥ ଜେନା, ଜୟଚଣ୍ଡୀ ମଣ୍ଡଳ ସଭାପତି ଶଶଧର ବେହୁରିଆ, ପ୍ରତାପ ନାୟକ, ଦିଗାମ୍ବର ଦାସ ଓ ମନୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପାରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ: ଇଞ୍ଜିନପୁର ବିଜୟୀ

ବ୍ରହ୍ମବରଦା,୧୩।୧୨
(ଯଯାତି କେଶରୀ ବେହେରା):

ଯାଜପୁର ବ୍ଲକ୍ ଖାଲପଡ଼ ପଞ୍ଚାୟତ କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳପଡ଼ିଆରେ ଚାଲିଥିବା ୪୧ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଗୋଲକୁଣ୍ଡ କ୍ରିକେଟ ଟିମକୁ ହରାଇ ଇଞ୍ଜିନପୁର କ୍ରିକେଟ ଟିମ ବିଜୟୀ ହୋଇଛି। ଗୋଲକୁଣ୍ଡ କ୍ରିକେଟ ଟିମ ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ୨୦ ଓଭର ଖେଳି ୧୦ ଉଇକେଟ ବିନିମୟରେ ୧୫୭ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଚିତ୍ତରଞ୍ଜନ ବେହେରା ୬୪ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ବୋଲର ନାସିର ଅଲ୍ଲି ୩ ଉଇକେଟ ନେଇଥିଲେ। ଇଞ୍ଜିନପୁର କ୍ରିକେଟ ଟିମ ୧୯.୩ଓଭର ଖେଳି ୭ ଉଇକେଟ ବିନିମୟରେ ୧୫୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ନିରାକାର କର ୩୭ ସଂଗ୍ରହ କରିଥିଲେ। ବିପକ୍ଷଦଳର ବୋଲର କାର୍ତ୍ତିକ ପତି ୬ଓଭର ବୋଲିଂ କରି ୨ ଉଇକେଟ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ନାସିର ଅଲ୍ଲି ମ୍ୟାନ-ଅଫଦି-ମ୍ୟାଚ ବିବେଚିତ ହୋଇଥିବାବେଳେ ସଭାପତି ପ୍ରିୟନାଥ ରାଉତ ତାଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଅମ୍ପାୟାର ଜିତେନ୍ଦ୍ର ଜେନା ଓ ସନ୍ତୋଷ ପତି ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ଅରୁଣ ପତି, ଇମ୍ରାନ ଖାନ ଓ ସୁମନ ସାହୁ ସହଯୋଗ କରିଥିଲେ। ସ୍କୋରର ଭାବେ ରୋସନ ସାହୁ ଓ ରାଜା ଜେନା ସହଯୋଗ କରିଥିଲେ। ରତିକାନ୍ତ ରାଉତ, ସୁନିଲ ଜେନା, ଖିରୋଦ ସାହୁ, ସୁକଦେବ ସାହୁ, ଦିଲୀପ ଜେନା, ସରୋଜ ପାଢ଼ୀ, ବଳରାମ ସାହୁ ଓ ହେମନ୍ତ ସାହୁ ପ୍ରମୁଖ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ପଞ୍ଚୁପାଣ୍ଡବ ଓ ଇନ୍ଦୁପୁର କ୍ରିକେଟ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହେବବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବାବା ରାମେଶ୍ୱର କ୍ରିକେଟ: କୃଷ୍ଣଚନ୍ଦ୍ରପୁର ଚାମ୍ପିୟନ



ଅତିଥି ବିଜୟୀ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଜେନାପୁର,୧୩।୧୨(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଗୋପିପାଟିଆ ରାମେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଡିସେମ୍ବର ୮ରୁ ଚାଲିଥିବା ରାମେଶ୍ୱର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୃଷ୍ଣଚନ୍ଦ୍ରପୁର କ୍ରିକେଟ କ୍ଲବ ମୁକୁନ୍ଦପୁର କ୍ରିକେଟ କ୍ଲବକୁ ୬ ରନରେ ପରାସ୍ତକରି ଚାମ୍ପିୟନ ହୋଇଛି। ଟସ୍ ଜିତି କୃଷ୍ଣଚନ୍ଦ୍ରପୁର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୨୧୫ ରନ କରିଥିଲା। ଜବାବରେ ମୁକୁନ୍ଦପୁର କ୍ରିକେଟ କ୍ଲବ ଲଢୁଆ ଖେଳ ପ୍ରଦର୍ଶନ କରି ୧୫ ଓଭର ଖେଳି ୬ ଉଇକେଟ ବିନିମୟରେ ୨୦୯ ରନ କରିଥିଲା। ବିଜୟ ପାଇଁ ୬ ବଲରେ ୮ରନର ଆବଶ୍ୟକତା ଥିଲାବେଳେ ଶେଷ ଓଭରରେ ଦୁଇଟି ମୂଲ୍ୟବାନ ଉଇକେଟର ପତନ ଘଟିବାରୁ ଏହିଦଳ ପରାଜୟର ସମ୍ମୁଖୀନ ହୋଇଥିଲା। ସୁମନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ, ଦୀପକ କୁଣ୍ଡୁଙ୍କୁ ମ୍ୟାନ ଅଫ୍ ଦି ସିରିଜ, ନିଲୁଙ୍କୁ ବେଷ୍ଟ ବ୍ୟାଟସ ମ୍ୟାନ ଓ ସୁଶାନ୍ତଙ୍କୁ ବେଷ୍ଟ ବୋଲର ଭାବେ ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ଅତିଥିଭାବେ ସାମାଜିକ କର୍ମୀ ନନ୍ଦକିଶୋର ପ୍ରଧାନ, ଯୁବନେତା ରବୀନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବାବା ରାମେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ସଂଗ୍ରାମ ରାଉତ ଓ ସୁବ୍ରତ ବେହେରା ସଭା ସଞ୍ଚାଳନ କରିଥିଲେ। ରାକେଶ ବେହେରା, ପଙ୍କଜ ରାଉତ, ସୁବାସ ବେବାବୁ ରାଉତ, ବୁଲୁ ବେହେରା, ବିନାୟକ ପଣ୍ଡା, ସୁବୁନି ରାଉତ, ଜୀବନ ଖିଲାର, ସୋନୁ ରାଉତ, ସୌମ୍ୟ ବେହେରା, ବଳରାମ ରାଉତ, ଆକାଶ ରାଉତ, ଲଳିତ ରାଉତ, ହରୋଜ ରାଉତ, ଅବିନାଶ ରାଉତ ଓ ଜଗବନ୍ଧୁ ରାଉତଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବର୍ଷା



@ ପ୍ରୀତି



@ ଶଶିକାନ୍ତ



@ ଶକ୍ତି



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛବିନ୍ଦ୍ର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟେ ପ୍ରସ୍ତୁତି

ଧର୍ମଶାଳା,୧୩।୧୨(ଦିଲୀପ ପରିଡ଼ା): ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତରେ ଛବିନ୍ଦ୍ର ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ଏନେଇ ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ସଭାପତି ପ୍ରଭାସ କୁମାର ନାୟକ ଓ ସମ୍ପାଦକ ରାକେଶ କୁମାର ନାୟକ ସୂଚନା ଦେଇଛନ୍ତି। ତେଣୁ ପ୍ରତ୍ୟେକ ଟିମର ଅଧିନାୟକ ଟ୍ରଷ୍ଟ କୋଷାଧ୍ୟକ୍ଷ ମାନସ ନାୟକ ଓ ସମ୍ପାଦକ ରାକେଶ ନାୟକଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।



# ଟିଇଡି ମାଧ୍ୟମରେ ଅଲିଭ ରିଡ୍‌ଲେ କଇଁଛ ସର୍ବେକ୍ଷଣ

## ବରୁଣେଇ ମୁହାଣରେ ମିଳିଲେ ନାହିଁ

ପାରାଦୀପ, ୧୩।୧୨(ଶରତ ରାଉତ)

ଭାରତ ସରକାରଙ୍କ ଏମ୍‌ପିଇଡିଏ (ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ),ରାଜ୍ୟ ମତ୍ସ୍ୟ ବିଭାଗ ଓ ମତ୍ସ୍ୟ ସଂଘ ପକ୍ଷରୁ ଶୁକ୍ରବାର ସମୁଦ୍ରରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗତିବିଧି ଉପରେ ସର୍ବେକ୍ଷଣ କରାଯାଇଥିଲା। ୨ବୋଟରେ ବୈଷୟିକ ଟିମ୍, ବିଭାଗୀୟ ଅଧିକାରୀ, ସଂଘ ପ୍ରତିନିଧିମାନେ ଯାଇ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ) ଜରିଆରେ ମାଛ ଧରିଥିଲେ। ଟିଇଡି ଜରିଆରେ କିପରି ମାଛ ଧରିଲେ କଇଁଛ ସୁରକ୍ଷିତ ରହିବ ତାକୁ ବୈଷୟିକ ଟିମ୍ ବାସ୍ତବରେ ଦେଖାଇଥିଲେ। ମତ୍ସ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ମୁରଲୀଧର ଜେନା, ଏମ୍‌ପିଇଡିଏ ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ କୁମାର କର, ଓମ୍ପା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ସଦସ୍ୟ ପୁରିନ୍ଦର ବିଶ୍ୱାଳ ଏହାକୁ ଅନୁଧ୍ୟାନ କରିଥିଲେ। କଇଁଛ ଅନ୍ତୁଡ଼ିଶାଳ କୁହାଯାଉଥିବା ଗହୀରମଥା ପାଖ ବରୁଣେଇ ମୁହାଣରେ ଦିନ ତମାମ ୨ଟି ବୋଟ୍‌ରେ ଟିଇଡି ଜରିଆରେ ମାଛ ଧରାଯାଇଥିଲ। ମାତ୍ର ଜାଲରେ ଗୋଟିଏ ବି କଇଁଛ ପଡ଼ି ନ ଥିଲା। ଉକ୍ତ ଅଞ୍ଚଳରେ କଇଁଛ ଦେଖିବାକୁ ମିଳିନାହିଁ ବୋଲି ଓମ୍ପା ସଦସ୍ୟ ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ଏମ୍‌ପିଇଡିଏ ସଂଯୋଜକ ମହାପାତ୍ର କୁହନ୍ତି, ଆମେ ସାଧାରଣ ଜାଲ ଓ ଟିଇଡି ଜାଲ ଜରିଆରେ ଦୁଇଟି ବୋଟରେ ଘଣ୍ଟାଏ ଲେଖାଏ ଫିସିଂ କରିଥିଲୁ। ପ୍ରଥମେ ଟିଇଡି ଜାଲରେ ଗୋଟିଏ ବୋଟରେ ୬୪ କେଜି ଓ ଅନ୍ୟ ବୋଟରେ ୯୩ କେଜି ମାଛ ମିଳିଥିଲା। ସେହିପରି ଏବେ ପ୍ରଚଳିତ ସାଧାରଣ ଜାଲ ଜରିଆରେ ସମାନ ଘଣ୍ଟାଏ ଫିସିଂ କରିଥିଲୁ। ସେଥିରେ ଗୋଟିଏ ବୋଟରେ ୧୩ କେଜି ଓ ଅନ୍ୟ ବୋଟରେ ୬୭ କେଜି ମାଛ ମିଳିଥିଲା। ଉକ୍ତ ଜାଲରେ ରିବନଫିଶ, ପାମ୍ପଲେଟ, ଚିଙ୍ଗୁଡ଼ି, ଓ ଅନ୍ୟ ପ୍ରଜାତିର ମାଛ ମିଳିଥିଲା।





ଅଧିକାରୀ ଓ ମତ୍ସ୍ୟଜୀବୀମାନେ ସମୁଦ୍ରରେ ଟିଇଡି ଜାଲ ଜରିଆରେ ମାଛ ଧରୁଛନ୍ତି।

### ଆମେରିକାରେ ପ୍ରସ୍ତୁତ ଜାଲ ଟିଇଡି

ଟିଇଡି ହେଉଛି ସ୍ୱତନ୍ତ୍ର ଡିଭାଇସ ଜରିଆରେ ପ୍ରସ୍ତୁତ ଜାଲ। ଏଥିରେ କଇଁଛ ପଶିଲେ ବାହାରି ଯାଇପାରିବେ ପ୍ରଚଳିତ ବର୍ଗାକାର ଜାଲ କିମ୍ବା ଫାଶିଜାଲରେ ପଡ଼ିଲେ ମରିଯିବେ। ଏହି ଟିଇଡି ଜାଲକୁ ଆମେରିକା ପ୍ରସ୍ତୁତ କରିଛି । ଏହା ଲଗାଯିବାର କାରଣ ହେଲା, ୨୦୧୮ରୁ ଭାରତୀୟ ସମୁଦ୍ର ମାଛ ରପ୍ତାନି ଉପରେ ଆମେରିକା ବ୍ୟାନ ଲଗାଇଛି। ଏହାଦ୍ୱାରା ୟୁରୋପୀୟ ଦେଶ ଭାରତୀୟ ସାମୁଦ୍ରିକ ମାଛ ଆମଦାନୀ କରୁନାହାନ୍ତି। ଏପରି ବ୍ୟାନ ଲଗାଇବା କାରଣ ହେଉଛି ସମୁଦ୍ରରେ ଅଲିଭ ରିଡ୍‌ଲେ କଇଁଛକୁ ନଷ୍ଟ କରାଯାଉଛି। ଯେପର୍ଯ୍ୟନ୍ତ ବର୍ଗାକାର ଜାଲ ବ୍ୟବହାର ହେବ ସେପର୍ଯ୍ୟନ୍ତ ବ୍ୟାନ ରହିବ। ଏଥିପାଇଁ ଭାରତ ସରକାର ନେଟ୍‌ଫିଶ ଓ ଏମପିଇଡିଏ ଜରିଆରେ ଟିଇଡି ଜାଲ ପ୍ରଚଳିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ଜାଲ ଜରିଆରେ ମାଛ ଧରିଲେ ବ୍ୟାନ ହଟିବ ବୋଲି ଆମେରିକା ଦର୍ଶାଇଛି। ସେଥିପାଇଁ ସରକାର ଏପରି କରୁଛନ୍ତି ବୋଲି ସଂଯୋଜକ ମହାପାତ୍ର ସୂଚନା ଦେଇଛନ୍ତି।

## ୩ ବନ୍ଦର କଳାକାରଙ୍କ ନୃତ୍ୟ, ଗୀତ, ନାଟକ ମଞ୍ଚସ୍ଥ

ପାରାଦୀପ, ୧୩।୧୨(ଶରତ ରାଉତ)

ପାରାଦୀପ ଜୟଦେବ ଭବନରେ ଆୟୋଜିତ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହରେ ଶୁକ୍ରବାର ୩ ପୋର୍ଟର କଳାକାରମାନେ ନୃତ୍ୟ ଗୀତ ଓ ନାଟକ ପରିବେଷଣ କରିଥିଲେ। ସେମାନେ ହେଲେ କୋଚିନ, ଜବାହରଲାଲ ନେହେରୁ ପୋର୍ଟ ଓ ଚେନ୍ନାଇ ପୋର୍ଟ। ଏହି ଅବସରରେ ୩ ରାଜ୍ୟର କଳାକାରମାନେ ସେମାନଙ୍କ ଆଞ୍ଚଳିକ ଭାଷାରେ ନୃତ୍ୟ ଓ ଗୀତ ଆଦି ପରିବେଷଣ କରିଥିଲେ। ଏାହା ସବୁଠାରୁ ଆକର୍ଷଣୀୟ ଥିଲା। ଏହି ଅବସରରେ ଚେନ୍ନାଇ ପୋର୍ଟର କଳାକାରମାନେ ତାମିଲ ଭାଷାରେ ନାଟକ ପରିବେଷଣ କରିଛନ୍ତି।

## ହନୁମାନ ମନ୍ଦିରରୁ ଚୋରି

ବରୀ, ୧୩।୧୨(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର ମେଡିକାଲ ଛକରେ ଥିବା ହନୁମାନ ମନ୍ଦିରରୁ ଚୋରି ହୋଇଛି। ପୂଜା କମିଟିର ଅମିୟ କୁମାର ବେଉରିଆ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ମୂର୍ତ୍ତିରୁ ରୁପା ମୁକୁଟ (୯୦୦ଗ୍ରାମ), ସୁନା ଆଖି(୨ଟି), ସୁନା ଲକେଟ ଓ ଚିତା, ହାତଗଣ୍ଠି ଏବଂ ୭ ପିତଳ ବାସନ ନେଇ ଯାଇଛନ୍ତି। ଗୁରୁବାର ରାତିରେ ପୂଜକ ପୂଜା ସାରି ଘରକୁ ଯିବାପରେ ଏଭଳି ଘଟଣା ଘଟିଛି। ଶୁକ୍ରବାର ସକାଳେ ପୂଜକ ପୂଜା କରିବାକୁ ଆସିବାବେଳେ ତାଲା ଭଙ୍ଗାଯାଇ ମନ୍ଦିର ଭିତରେ ଥିବା ଅଳଙ୍କାର ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ।

# ବିକାଶ ନାଁରେ ବିନାଶକୁ ବରଦାସ୍ତ କରାଯିବ ନାହିଁ

## ଭାରତମାଳା ପ୍ରକଳ୍ପକୁ ବିରୋଧ

### ଜନଶୁଣାଣିରେ ଜମିହରା ଚାଷୀଙ୍କ ଚେତାବନୀ

ରଘୁନାଥପୁର, ୧୩।୧୨(ରାଜେନ୍ଦ୍ର ନାରୟଣ ସିଂହ)

ବିରିଡି ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲ ପ୍ରଶାସନ ପକ୍ଷରୁ ଶୁକ୍ରବାର ଭାରତମାଳା ପ୍ରକଳ୍ପ ପାଇଁ ଜମିହରା ଚାଷୀ ଓ ଜନସାଧାରଣଙ୍କୁ ନେଇ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଜନଶୁଣାଣିରେ ପ୍ରାୟ ୧୩ ମୌଜାର ଜମିହରା ଚାଷୀଙ୍କ ମେଳି ହୋଇଥିଲା। ଏହି ଅବସରରେ ସେମାନେ ଭାରତମାଳା ପ୍ରକଳ୍ପକୁ ବିରୋଧ କରିବା ସହ ବିକାଶ ନାଁରେ ଅଞ୍ଚଳବାସୀଙ୍କ ବିନାଶକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଏହି ଜନଶୁଣାଣିରେ ଜଗତ୍‌ସିଂହପୁର ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ ଅଧ୍ୟକ୍ଷ୍ୟା ମମତା ପାତ୍ର, ତହସିଲଦାର ସଞ୍ଜୟ କୁମାର ବେହେରା, ଏନ୍‌ଏଚଏଆଇ ପ୍ରକଳ୍ପ ଅଧିକାରୀ କେ ଏନ୍ ରାଓ, ଆଇଆଇସି ସବ୍ୟସାଚୀ ରାଉତ ଯୋଗଦେଇଥିଲେ । ଶୁଣାଣି ପ୍ରାରମ୍ଭରେ ଉପସ୍ଥିତ ଚାଷୀଙ୍କ ମତାମତ ଲୋଡ଼ାଯିବା ସହ ଆଲୋଚନା କରାଯାଇଥିଲା। ଏଥିରେ ତ୍ରୈଲୋକ୍ୟ ଜେନା, ଲିଙ୍ଗରାଜ ମଲ୍ଲ, ନାରାୟଣ ଭୋଳ, ରଶ୍ମିରଞ୍ଜନ ପାରିଜାଲ, ପ୍ରକାଶ ବେହେରା, ଆନନ୍ଦ ବେହେରା, ଗୁରୁଚରଣ ବାରିକ, ଫକିର ଚରଣ ଖଟେଇ, ଶୁଭ୍ରଜିତ୍ ଉତ୍ତରାୟ, ଅଶାନ୍ତ ଉତ୍ତରାୟ ପ୍ରମୁଖ ଭାଗନେଇଥିଲେ। ଚାଷୀଙ୍କୁ ଉପେକ୍ଷା କରି ପ୍ରାରମ୍ଭିକ କାର୍ଯ୍ୟ କରାଯାଇଥିବାରୁ ଏହାକୁ ତୀବ୍ର ବିରୋଧ କରିବାସହ ଚାଷୀମାନେ ହୋହଲ୍ଲା କରିଥିଲେ। ପରେ ନିଜର ଆପତ୍ତି ଅଭିଯୋଗ ରଖି ପୂର୍ବ କଥାକୁ ଦୋହରାଇବା ସହ ପ୍ରସ୍ତାବିତ ଭାରତମାଳା ଜାତୀୟ ରାଜପଥ ନିର୍ମାଣ ହେଲେ ବିରିଡି ତହସିଲ ଅଧୀନ ଶଙ୍ଖପୁର, ହଳଦିଆପଡା, ସରସୁଧା, କଳନ୍ତିରା, ଅର୍ଟିଲ, ବଟିମିରା, ଅଲାଣ୍ଡୋ, ବଡ଼ଖଣ୍ଡାଏତା, ତେନ୍ତୁଳିଆ, ଅରଙ୍ଗାବାଦ, ତଳପଟକ, ବରହପୁର, ପଦାସାହି, ଆମ୍ବୁଲସାହି, ଅଡ଼ଙ୍ଗଗଡ, ନାଇଲୋ, ଶଙ୍କରପୁର ଆଦି ଅଞ୍ଚଳର ଚାଷୀ ସବୁଦିନ ପାଇଁ ତାଙ୍କର ଶସ୍ୟଶ୍ୟାମଳା ପରିବେଷ୍ଟିତ ଉର୍ବର ଜମି ହରାଇବେ। ଏଥିସହିତ ଅନେକଙ୍କ କୋଠାବାଡି ଓ ଭିଟାମାଟି ଉଜୁଡିଯିବ। ଏକପ୍ରକାର ଅଞ୍ଚଳର ଜନସାଧାରଣ ଦାଦନ ଖଟିବାକୁ ବାଧହେବେ। ଏହା ଅଞ୍ଚଳବାସୀଙ୍କ ପାଇଁ ବଞ୍ଚିବା ମରିବା ସହ ସମାନ ବୋଲି ଉପସ୍ଥିତ ଚାଷୀ ଓ ଜନସାଧାରଣ ଯୁକ୍ତି ରଖିଥିଲେ। ତେଣୁ ପ୍ରସ୍ତାବିତ ବିରିଡି ତହସିଲ ଅଧୀନ ୧୩ ମୌଜା ଦେଇ ଭାରତମାଳା ରାସ୍ତା ନିର୍ମାଣର ପୁନର୍ବିଚାର କରିବାସହ ଏହାର ଦିଗ ପରିବର୍ତ୍ତନ କରି ଅନ୍ୟ ବାଟଦେଇ ନେବାକୁ ସମସ୍ତେ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏଥିପାଇଁ ଆବଶ୍ୟକ ପଡିଲେ ପ୍ରଶାସନ ସହ ମୁହାଁମୁହିଁ ହେବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ସେମାନେ କହିଥିଲେ। ଏହି ଅବସରରେ ଉପଜିଲାପାଳ ତରାଇ କହିଥିଲେ, ଚାଷୀଙ୍କ ଦାବି ସବୁକୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ନିଆଯିବ। ଆଗାମୀ ଦିନରେ ଯାହା ନିଷ୍କର୍ଷ ବାହାରିବ ତାହା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଶେଷରେ ତହସିଲଦାର ସମସ୍ତ ଜନସାଧାରଣ ଓ ଚାଷୀଙ୍କୁ ଧନ୍ୟବାଦ ଦେଇଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଚାଷୀ।

## ୪ ଜୋନ୍‌ରେ ଯୁବ ନେତୃତ୍ୱକୁ ଗୁରୁତ୍ୱ

ରଘୁନାଥପୁର, ୧୩।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ସ୍ଥାନୀୟ ମଦନମୋହନ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନକୁ ଦୃଢ଼ କରି ଜନତାଙ୍କ ନିକଟତର ହେବା ପାଇଁ ଇଂ. ମଲ୍ଲିକ ବୈଠକରେ ଗୁରୁତ୍ୱ ଦେଇଥିଲେ । ଏହାଛଡା ବ୍ଲକ କମିଟିର ପୁନର୍ଗଠନ ଓ ବ୍ଲକକୁ ୪ ଜୋନରେ ବିଭକ୍ତ କରି ପ୍ରତ୍ୟେକ ଜୋନରେ ଯୁବକମାନଙ୍କୁ ଦାୟିତ୍ୱ ଦେବାପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାର ଦାୟିତ୍ୱ ସଭାପତି ଦାଶ ଓ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ଉପରେ ନ୍ୟସ୍ତ କରାଯାଇଛି। ପ୍ରାରମ୍ଭରେ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଦିବଂଗତ ରାମକୃଷ୍ଣ ପଣ୍ଡାଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଜିଲା କମିଟି ଉପସଭାପତି ସର୍ବେଶ୍ୱର ପଣ୍ଡା, ସରପଞ୍ଚ କାଳନ୍ଦୀ ମହାନ୍ତି, ଶାରଦା ପ୍ରସାଦ ଜେନା, ବିନ୍ଦୁସାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଆଳି, ୧୩।୧୨(ବନମାଳୀ ସେନାପତି)

ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତର ଠାକୁରସାହି ଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ସହ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ନିମନ୍ତେ ୪ ଦିନ ହେବ ଠାକୁରସାହି ଗାଁ ଉତ୍ସବ ମୁଖର ହୋଇ ପଡିଥିଲା। ପ୍ରତିଷ୍ଠା ଉତ୍ସବ ନିମନ୍ତେ ସୋମବାର ଅଧିବାସ, ଅଙ୍କୁରାରୋପଣ, ମଣ୍ଡଳାଦିକରଣ, ମଙ୍ଗଳବାର କଳସଯାତ୍ରା, ଧରିତ୍ରୀ ପୂଜା, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ ପୂଜାପରେ ଯଜ୍ଞ ନିମନ୍ତେ ଅଗ୍ନି ସ୍ଥାପନ କରାଯାଇଥିଲା। ବୁଧବାର ନଗର ପରିକ୍ରମା କରିବା ପରେ ୩ ଠାକୁରଙ୍କ ସ୍ନାନ କରାଯିବା ପରେ ପ୍ରାଣ ପ୍ରତିଷ୍ଠା ପୂଜା କରାଯାଇ ମନ୍ଦିର ପ୍ରବେଶ କରାଇବା ପରେ ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।

# କଟକ-ପାରାଦୀପ ରାସ୍ତାରେ ସିସିଟିଭିକୁ ଗୁରୁତ୍ୱ

ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

ରାତିରେ ହାଇୱେରେ ପ୍ରତ୍ୟହ ଶହଶହ ଗାଡ଼ି ଚଳାଚଳ କରୁଛି। ସମ୍ପ୍ରତି ଶୀତ ସାଙ୍ଗକୁ କୁହୁଡ଼ି ଯୋଗୁ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାସ୍ତାରେ ଗାଡି ଚାଳକମାନଙ୍କୁ ଅତ୍ୟଧିକ କୁହୁଡି ସମୟରେ ଅର୍ଥାତ୍ ଭୋର୍ ୩ରୁ ୬ଟା ଭିତରେ ମାଗଣା ଚା ଯୋଗାଇବା ଆବଶ୍ୟକ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରି ଏହା କହିଛନ୍ତି। ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଏକଥା ମଧ୍ୟ କହିଥିଲେ, କଟକ-ପାରାଦୀପ ରାସ୍ତାରେ ସିସିଟିଭି ଲଗାଇବା ଆବଶ୍ୟକ। ଗାଡ଼ି ଚଳାଇବା ସମୟରେ ମୋବାଇଲରେ କଥା ହେବା, ମଦ୍ୟପାନ କରି ଗାଡି ଚଳାଇବା ଦଣ୍ଡନୀୟ ଅପରାଧ। ନାବାଳକମାନେ ଗାଡି ଚଳାଇବା ଉପରେ କଟକଣା ସତ୍ତ୍ୱେ ସେମାନେ ଏହା ଚଳାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନେକ ଯୁବକ ନିଶାସକ୍ତ ଅବସ୍ଥାରେ ସହରରେ ଗାଡି ଚଳାଇ ଦୁର୍ଘଟଣା କରୁଛନ୍ତି। ତେଣୁ ଉଭୟ ପୋଲିସ ଓ ପରିବହନ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନଦେବା ସହ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏଥିସହ ଜିଲାପାଳ ବ୍ଲାକ ସ୍ପଟ ଚିହ୍ନଟ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଭୂତମୁଣ୍ଡାଇରୁ ଅଠରବାଙ୍କି ରାସ୍ତାରେ ଲୁହା ପଥର ବୋଝେଇ ଟ୍ରକ୍ ଲାଇନ ହୋଇ ରହିବା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି। ଏଥିପ୍ରତି ସଜାଗ ରହିବା ଜରୁରୀ ବୋଲି ଜିଲାପାଳ କହିଥିଲେ। ଅନୁରୂପ ଭାବେ ରାସ୍ତା ପାର୍ଶ୍ୱବର୍ତ୍ତୀ ବୃକ୍ଷରେ ପେଣ୍ଟିଂ କରିବା, ନୋ ପାର୍କିଂ ଜୋନ୍‌ରେ ସାଇନବୋର୍ଡ ଲଗାଇବା, ରମ୍ବଲର ପେଣ୍ଟିଂ, ରୋଡ୍ ସାଇନେଜ୍‌ର ଥାର୍ଡ ପାର୍ଟି ଅଡିଟ, ଟ୍ରାଫିକ ପରିଚାଳନା, ନାଇଟ ପାଟ୍ରୋଲିଂ, ଲାଇସେନ୍ସ ପ୍ରଦାନ ସମୟରେ କଠୋର ନିୟମ ଲାଗୁ, ଜଗତ୍‌ସିଂହପୁର ପୌରାଞ୍ଚଳର ମୁଖ୍ୟ କେନାଲ ଉପରେ ପାର୍କିଂ ବା ଗିଭ ୱେର ସାଇନେଜ ଓ ବୁଲାପ୍ରାଣୀ ସମସ୍ୟା ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗୁଡ୍ ସମାରିଟାନ ଭାବେ ଜୟ ପ୍ରସାଦ ନାୟକ, ଗୋପୀନାଥ ମହାନ୍ତି, ସୁମିତ କୁମାର ସ୍ୱାଇଁ, ଦିପାଂଶୁ ପାତ୍ର, ସତ୍ୟପ୍ରକାଶ ବେହେରା, ଏସ୍ କେ. ରିୟାଜୁଦ୍ଦିନ, ପନର୍ଗ ନାରାୟଣ ବେହେରା, ଦେବୀଦତ୍ତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସଞ୍ଜୟ କୁମାର ସାହୁ, ପଙ୍କଜ କୁମାର ତରାଇଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ପ୍ରକାଶଥାଉ କି, ଜିଲାରେ ଏଯାବତ ୬୬ଜଣ ବ୍ୟକ୍ତିଙ୍କୁ ଗୁଡ୍ ସମାରିଟାନ ଭାବେ ସମ୍ମାନିତ କରାଯାଇଛି। ଜିଲାରେ ୪୦ ଜଣଙ୍କୁ ରକ୍ଷକ ପ୍ରୋଗ୍ରାମରେ ତାଲିମ ପାଇଁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଆଇଆରଏଡି କିମ୍ବା ଇଣ୍ଟିଗ୍ରେଟେଡ୍ ରୋଡ ଆକ୍ସିଡେଣ୍ଟ ଡାଟାବେସ, ଇଲେକ୍ଟ୍ରୋନିକ ଡିଟେଲ ଆକ୍ସିଡେଣ୍ଟ ରିପୋର୍ଟର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଜିଲାରେ ଦୁର୍ଘଟଣାପ୍ରବଣ ସ୍ଥାନରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଫାଟକଗୁଡ଼ିକୁ ପୁନଃ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପୌରୋହିତ୍ୟରେ ଏକ କମିଟି ଗଠନ କରାଯାଇଥିଲା। ଏଥିପାଇଁ ଡିଇଓ କମିଟି ବୈଠକ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ହିଟ୍ ଆଣ୍ଡ ରନ ଦୁର୍ଘଟଣାର କ୍ଷତିପୂରଣ ବାବଦରେ ଜିଲାସ୍ତରୀୟ କମିଟି ପକ୍ଷରୁ ଉପଜିଲାପାଳ ନିଜର ମନ୍ତବ୍ୟ ରଖିଥିଲେ। ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ୍‌ଏଆଇର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା, ସହରର ବରିଷ୍ଠ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ସହ ଶେଷରେ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

- ରାଜପଥରେ ଅତ୍ୟଧିକ କୁହୁଡ଼ି ସମୟରେ ଚାଳକଙ୍କୁ ଚା ଦିଅ
- ଦୁର୍ଘଟଣାପ୍ରବଣ ସ୍ଥାନରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ଫାଟକ ଚିହ୍ନଟ କର

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବର୍ଷା



@ ପ୍ରୀତି



@ ଶଶିକାନ୍ତ




@ ଶକ୍ତି



@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପ୍ଲାନେଟାରିୟମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧୨(ଅନିଲ ଦାସ)



ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ପ୍ଲାନେଟାରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଆଣ୍ଡ୍ ଆଷ୍ଟ୍ରୋନୋମି ଇନ୍ଷ୍ଟିଚ୍ୟୁଟ ପ୍ରତିଷ୍ଠା କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ଅନୁଷ୍ଠାନ ସ୍ଥାପନ ହେବ । ଶୁକ୍ରବାର ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଅନୁଷ୍ଠିତ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟ୍ୟାଟ୍ସ)ର ୧୮ତମ ଗ୍ରାଣ୍ଡ୍ ଫିନାଲେରେ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୧୮୩୫ରେ ନୟାଗଡ଼ ଖଣ୍ଡପଡ଼ାର ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳିରେ ମହାକାଶରେ ଗ୍ରହ ନକ୍ଷତ୍ରର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ଠିକ୍ ନିର୍ଦ୍ଧାରଣ କରି ଦେଖାଇଥିଲେ। ସେହିପରି ଜ୍ୟୋତିର୍ବିଜ୍ଞାନର ଜନକ ଆର୍ଯ୍ୟଭଟ୍ଟ ପ୍ରଥମେ ନିର୍ଣ୍ଣୟ କରିଥିଲେ ପୃଥିବୀ ନିଜ ଅକ୍ଷ ଚାରିପଟେ ଆବର୍ତ୍ତନ କରୁଛି। ବ୍ରହ୍ମଗୁପ୍ତଙ୍କ ଗଣିତ, ବରାହ ମିହିରଙ୍କ ବୃହତ୍ ସଂହିତା, ଭାସ୍କରଙ୍କ ସିଦ୍ଧାନ୍ତ ଶିରୋମଣି ଭାରତ ଜ୍ୟୋତିର୍ବିଜ୍ଞାନକୁ ଋଦ୍ଧିମନ୍ତ କରିଛି। ଆଧୁନିକ ଯୁଗରେ ଯେତେବେଳେ ବି ମହାକାଶ ବିଜ୍ଞାନର ଚର୍ଚ୍ଚା ହେବ, ଭାରତୀୟ ସଂସ୍କୃତିର ଅବଦାନ ବିନା ଏହା ଅସମ୍ପୂର୍ଣ୍ଣ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶ୍ୱର ପ୍ରଥମ ୫ ଗୋଟି ମହାକାଶ ବିଜ୍ଞାନରେ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଭାରତ ରହିଛି। ଚନ୍ଦ୍ରୟାନ-୨, ଗଗନୟାନ, ଆଦିତ୍ୟ-ଏଲ୍-୧ ପରି ଐତିହାସିକ ଘଟଣା ଆମ ବିଶ୍ୱାସକୁ ଦୃଢୀଭୂତ କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଯାନ ପହଞ୍ଚାଇବାରେ ଭାରତ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୩୫ ସୁଦ୍ଧା ଭାରତର ନିଜସ୍ୱ ସ୍ପେଶ୍ ଷ୍ଟେଶନ ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ପ୍ରଥମ ଭାରତୀୟଙ୍କୁ ପଠାଇବା ପାଇଁ ଘୋଷଣା କରିଛନ୍ତି। ଏହି ଦୁଇ ପ୍ରକଳ୍ପରେ ବୈଜ୍ଞାନିକ ଭାବେ ସାମିଲ ହେବା ପାଇଁ ସେ ରାଜ୍ୟର ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୩ ଜିଲାର ୩୦ ଜଣ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଛନ୍ତି। ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ ପାଇଁ ଇସ୍ରୋ ପରିଦର୍ଶନରେ ଯିବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଭାରତରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଆସିଛି। ଚନ୍ଦ୍ରୟାନ-୩ ହେଉଛି ଭାରତ ବର୍ଷର ସଫଳତା । ସମ୍ବର୍ଦ୍ଧିତ ହୋଇଥିବା ୩୦ ଜଣ ପ୍ରତିଭାବାନ୍ ଛାତ୍ରୀଛାତ୍ର ହେଉଛନ୍ତି ଆମ ଦେଶର ଶକ୍ତି। ସେମାନେ ଯେତେ ଆଗକୁ ବଢ଼ିବେ ଆମ ରାଜ୍ୟ ସେତିକି ଗୌରବାନ୍ୱିତ ହେବ ଓ ଦେଶ ଶକ୍ତିଶାଳୀ ହେବ।

**ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ସମାରୋହ**

- ୨୩ ଜିଲାର ୩୦ ଛାତ୍ରୀଛାତ୍ର ପୁରସ୍କୃତ

ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଯୁବ ପ୍ରତିଭାମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଛନ୍ତି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେଶନ ଉପାଧ୍ୟକ୍ଷ ରାଜୀବ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପଠାଣି ସାମନ୍ତ ପ୍ଲାନେଟାରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଦେଇଛନ୍ତି।

# ୧୦ଜଣଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ



କୃତୀ ପ୍ରତିଭାଧାରୀଙ୍କୁ ବାଚସ୍ପତି ସୁରମା ପାଢ଼ୀ ସମ୍ମାନିତ କରୁଛନ୍ତି।

ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)

**ପଠାଣି ସାମନ୍ତ ଜୟନ୍ତୀ ସମାରୋହ**

ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର ଓରଫ ପଠାଣି ସାମନ୍ତଙ୍କ ୧୯୦ତମ ଜନ୍ମ ସ୍ମାରକୀ ମହାସମାରୋହରେ ନୟାଗଡ଼ ପୁରୁଣା ସହରର ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଯଦୁମଣି ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ ଯୋଗ ଦେଇଥିବାବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷ ମର୍ଯ୍ୟାଦାପୂର୍ଣ୍ଣ 'ନୟାଗଡ଼ ଗୌରବ' ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ସେହିପରି ନୟାଗଡ଼ର ପୂର୍ବତନ ବନଖଣ୍ଡ ଅଧିକାରୀ ଏଚ. ଡି. ଧନରାଜଙ୍କୁ 'ନୟାଗଡ଼ ବନ୍ଧୁ', ଧୂରୀଣ ବିଜ୍ଞାନୀ ଗିରିଜା ଶଙ୍କର ମହାପାତ୍ରଙ୍କୁ 'ପଠାଣି ସାମନ୍ତ ପ୍ରତିଭା' ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କୁ 'ପଠାଣି ସାମନ୍ତ ଆଇନ ସେବା ରତ୍ନ', କବି ତିଳକ ସୁରେଶ ଚନ୍ଦ୍ର ବରାଡ଼ଙ୍କୁ 'ଦାସିଆ ଅଜା ସାହିତ୍ୟ ସମ୍ମାନ', ସାମାଜିକ କର୍ମୀ ଉଷା ପଟ୍ଟନାୟକଙ୍କୁ 'ପଠାଣି ସାମନ୍ତ ସେବା ସମ୍ମାନ', ସୁସାହିତ୍ୟିକା ସୁକାନ୍ତି ମହାନ୍ତିଙ୍କୁ 'ପଠାଣି ସାମନ୍ତ ସାହିତ୍ୟ ସମ୍ମାନ', ଗୁରୁଜୀ ନୀଳମାଧ ନନ୍ଦଙ୍କୁ 'ପଠାଣି ସାମନ୍ତ ଆଦର୍ଶ ଶିକ୍ଷକ ସମ୍ମାନ', କ୍ରିକେଟିଆର ସଂଗ୍ରାମ କେଶରୀ ଗୁମାନସିଂଙ୍କୁ 'ପଠାଣି ସାମନ୍ତ କ୍ରୀଡ଼ା ସମ୍ମାନ', ସଙ୍ଗୀତ ଗୁରୁ ରଜନୀକାନ୍ତ ମହାପାତ୍ରଙ୍କୁ 'ପଠାଣି ସାମନ୍ତ ସଙ୍ଗୀତ ସମ୍ମାନ'ରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ଚନ୍ଦ୍ର ବିଜୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ, ଉପ ସଭାପତି ରଣଜିତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ଏବଂ ଜୟଶ୍ରୀ ଦେବୀଙ୍କ ସଂଯୋଜନାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଭଜନ ଗାୟକ ରବୀନ୍ଦ୍ର ମହାପାତ୍ର ଏବଂ ଶୈଳଭାମା ମହାପାତ୍ରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ମଧ୍ୟପ୍ରଦେଶରୁ ନାବାଳିକା ଉଦ୍ଧାର

ନୟାଗଡ/ ଦଶପଲ୍ଲା, ୧୩।୧୨
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଜାମୁସାହି ଅଞ୍ଚଳରୁ ନିଖୋଜ ହୋଇଥିବା ନାବାଳିକାକୁ ବାଣିଗୋଛା ଥାନା ପୋଲିସ ମଧ୍ୟପ୍ରଦେଶର ବୀଣା ଥାନା ଅଞ୍ଚଳରୁ ଉଦ୍ଧାର କରି ଫେରୁଛି। ସ୍ଥାନୀୟ ଜାମୁସାହି ଅଞ୍ଚଳରୁ ଜଣେ ନାବାଳିକା ନଭେମ୍ବର ୨୭ରେ ନିଖୋଜ ହେବା ପରେ ବାଣିଗୋଛା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୧୨୮/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ନାବାଳିକା ମଧ୍ୟପ୍ରଦେଶରେ ଥିବା ଖବର ପାଇ ବାଣିଗୋଛା ଥାନା ଆଇଆଇସି ବିନୟ ରଞ୍ଜନ ପରିଡା ମଧ୍ୟପ୍ରଦେଶ ଗସ୍ତ କରିଥିଲେ। ମଧ୍ୟପ୍ରଦେଶର ବୀଣା ଥାନା ଅଞ୍ଚଳରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସେଠାରୁ ନାବାଳିକାଙ୍କୁ ଧରି ବାଣିଗୋଛା ଥାନାକୁ ଫେରୁଛନ୍ତି। ଥାନାରେ ପହଞ୍ଚିଲା ପରେ ନାବାଳିକା ଅପହରଣର ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ପାରମ୍ପରିକ ବାଦ୍ୟ ନୃତ୍ୟ ସହ ମା' ଲକ୍ଷ୍ମୀଙ୍କୁ ବିଦାୟ



ଖଣ୍ଡପଡା,୧୩।୧୨(ଅଜୟ କୁମାର ମହାରଣା)

କଣ୍ଟିଲୋ ସେବକସାହି ନୀଳମାଧବ ପୂଜକ ସମାଜ ପକ୍ଷରୁ ମା' ମହାଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶୃଙ୍ଖଳାର ସହ ଶୁକ୍ରବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଯାଇଛି। ତେବେ ସମ୍ପ୍ରତି ଗ୍ରାମାଞ୍ଚଳରେ ଯେପରି ଭାବେ ବିଭିନ୍ନ ପୂଜା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଭସାଣି ଶୋଭାଯାତ୍ରାର ଆୟୋଜନ କରାଯାଉଛି ତାହା ବିଭିନ୍ନ ବଡ ବଡ ସହର ଭସାଣିଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ନଜିର ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଅଞ୍ଚଳର ସେବକସାହି ଭସାଣୀରେ। ମା' ଲକ୍ଷ୍ମୀଙ୍କୁ ବିଦାୟ ଦେବା ଅବସରରେ ଶବ୍ଦ ପ୍ରଦୂଷଣ ପ୍ରତି ଯତ୍ନବାନ ହୋଇ ଆଧୁନିକ ଯନ୍ତ୍ର ସଙ୍ଗୀତ ତଥା ଡିଜେ ସାଉଣ୍ଡ ପ୍ରତି ଗୁରୁତ୍ୱ ନ ଦେଇ ଭସାଣି ଉତ୍ସବରେ ପାରମ୍ପରିକ ଲୋକ କଳା ତଥା ବାଦ୍ୟଯନ୍ତ୍ର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିବା ପରିଲକ୍ଷିତ ହୋଇଛି। ପାରମ୍ପରିକ ବାଦ୍ୟନୃତ୍ୟ ତାଳେ ତାଳେ ମା'ଙ୍କୁ ବିଦାୟ ଦେଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବା ଜଣାପଡିଛି। ଏହି ଭସାଣୀ ଉତ୍ସବରେ ପାରମ୍ପରିକ ଆଦିବାସୀ ନୃତ୍ୟ ତଥା ଠାଣି ଓ ଚାହାଣୀ ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା। ଦାଣ୍ଡ ଦୁଲୁକାଇ ଏପରି ଭସାଣି ଦେଖିବାକୁ ଦାଣ୍ଡର ଦୁଇ ପାର୍ଶ୍ୱରେ ଥିବା ଘର ମଧ୍ୟରୁ ସମସ୍ତ ପରିବାର ବର୍ଗ ନିଜ ନିଜ ଦୁଆରରେ ରହି ଏହି ଭସାଣି ଶୋଭାଯାତ୍ରାକୁ ଉପଭୋଗ କରିଥିଲେ। ଆୟୋଜିତ ଭସାଣି ଉତ୍ସବରେ ପାରମ୍ପରିକ ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ସାଙ୍ଗକୁ ପାରମ୍ପରିକ ଘଣ୍ଟ ଘଣ୍ଟା ଆଦି ଦେଖିବାକୁ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜନସମାଗମ ଲାଗି ରହିଥିଲା। ତେବେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଓ ସହକର୍ମୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭସାଣି ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି।

# ବ୍ୟବସାୟ ପ୍ରତିଷ୍ଠାନରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହୃତ

ଖଣ୍ଡପଡ଼ା,୧୩।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଓ ଏହାର ଆଖପାଖ ଖଳିସାହି, ବାହାଡା, କଣ୍ଟିଲୋ, ସିଧାମୂଳା ଅଞ୍ଚଳରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ହୋଟେଲ, ଜଳଖିଆ ଦୋକାନରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଛି। ଏପରିକି ରାସ୍ତାପାର୍ଶ୍ୱରେ ଫାଷ୍ଟଫୁଡ ଓ ଚା, କଫି ବିକ୍ରି କରୁଥିବା ଦୋକାନୀମାନେ ମଧ୍ୟ ବେଫିକର ଭାବେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁଥିବା ଜଣାପଡିଛି। ବିଭିନ୍ନ ଗ୍ୟାସ ଏଜେନ୍ସି ସଂସ୍ଥାର କର୍ମଚାରୀମାନେ ବ୍ୟବସାୟୀମାନଙ୍କଠାରୁ ଗ୍ୟାସ ସିଲିଣ୍ଡର ପିଛା ୫୦ଟଙ୍କାରୁ ଅଧିକ ନେଇ ସିଲିଣ୍ଡର ଯୋଗାଇ ଦେଉଥିବା ଅଭିଯୋଗ ହେଉଛି। ଫଳରେ ସମୟେ ସମୟେ ଗ୍ୟାସ ସିଲିଣ୍ଡରର ଅଭାବ ପରିଲକ୍ଷିତ ହେଉଥିବାରୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଏଥିପ୍ରତି ଦୃଷ୍ଟି ଦେବାକୁ ସୂଚନା ଦେଇଛନ୍ତି। ନୟାଗଡ ଜିଲା ଯୋଗାଣ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୮୦ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ

ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)



ଦୋକାନ ଉପରେ ପ୍ରଶାସନିକ ଅଧିକାରୀ ଚଢ଼ାଉ କରୁଛନ୍ତି।

**■ ଟ୍ରେଡ ଲାଇସେନ୍ସ, ନବୀକରଣକୁ ଅଣଦେଖା**

**■ ଲାଇସେନ୍ସ ବାଧ୍ୟତାମୂଳକ ସତ୍ତ୍ୱେ ନାହିଁ ପଦକ୍ଷେପ**

ନୟାଗଡ଼ ମ୍ୟୁନିସିପାଲିଟିର ନୟାଗଡ଼ ବଜାରରେ ଟ୍ରେଡ ଲାଇସେନ୍ସ ଓ ଏହାର ଲାଇସେନ୍ସ ନବୀକରଣକୁ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଅଣଦେଖା କରି ଆସୁଥିବା ଅଭିଯୋଗ ହୋଇଆସୁଛି। ଶୁକ୍ରବାର ନୟାଗଡ଼ ମ୍ୟୁନିସିପାଲିଟିର ଏକ ଟିମ୍ ୮୦ଟି ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ ପରେ ଏଭଳିଆ ଅଭିଯୋଗର ସତ୍ୟତା ଥିବା ସ୍ପଷ୍ଟ ହୋଇଛି। ଲାଇସେନ୍ସ ଓ ନବୀକରଣ ବାଧ୍ୟତାମୂଳକ ଥିବାବେଳେ ସରକାରୀ ନିୟମକୁ ଅଣଦେଖା କରାଯାଉଥିଲେ ମଧ୍ୟ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଏହା ବଢ଼ି ଚାଲିଥିଲା। ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଜେନ୍ଦ୍ର ମହାରଣା, ଅଜିତ ମଲ୍ଲିକ, କୁମାର ଚନ୍ଦ୍ର ମିଶ୍ର, ରତ୍ନାକର ଦାଶ, ମାନସ ରଞ୍ଜନ ବିଶ୍ୱାଳ, ସନ୍ନ୍ୟାସୀ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଟ୍ରେଡ ଲାଇସେନ୍ସ ଓ ନବୀକରଣ କରିବାକୁ ବ୍ୟବସାୟୀମାନଙ୍କୁ ତାଗିଦ୍ କରାଯିବା ସହ ସଚେତନତା କରାଯାଇଛି। ୧୫ ଦିନ ପର୍ଯ୍ୟନ୍ତ ଏଭଳିଆ ଚଢ଼ାଉ ଜାରି ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ନିଜ ମୋବାଇଲରେ ସୁଯୋଗ ପୋଟାର୍ଲରେ ବ୍ୟବସାୟୀମାନେ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଛି। ଏ ନେଇ ଜଣେ ବ୍ୟବସାୟୀ ନିଜ ନାଁ ଗୋପନ ରଖି କହିଛନ୍ତି, ଟ୍ରେଡ ଲାଇସେନ୍ସ କରିବାରେ କିଛି ଅସୁବିଧା ନାହିଁ। ହେଲେ ଏ ନେଇ ଧରପଗଡ଼ କି ସଚେତନତା କରାଯାଉନି। ଯେଉଁମାନେ ଟ୍ରେଡ ଲାଇସେନ୍ସ କରିଛନ୍ତି ସେମାନେ ଜାଣିଶୁଣି ଚୁପ ରହିଛନ୍ତି। ଯେଉଁମାନେ ଲାଇସେନ୍ସ ପାଇଁ ଆବେଦନ କରିନାହାନ୍ତି ସେମାନେ ମଧ୍ୟ ନୀରବ। ସରକାରୀ ନିୟମକୁ କଡାକଡି ଲାଗୁ କରାଗଲେ ବ୍ୟବସାୟୀମାନେ ବାଧ୍ୟ ହୋଇ ଟ୍ରେଡ ଲାଇସେନ୍ସ ଓ ନବୀକରଣ କରିବେ। ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଟ୍ରେଡ ଲାଇସେନ୍ସ ଓ ଏହାର ନବୀକରଣ ପଛୁଆ ହୋଇ ରହି ଯାଉଛି। ଟ୍ରେଡ ଲାଇସେନ୍ସ ଓ ନବୀକରଣ କାହିଁକି ହେଉନି, ଏହା ପଛରେ ଅସୁବିଧା କ'ଣ ଠିକ୍ ଭାବେ ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ ହେଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଛନ୍ତି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବର୍ଷା



@ ପ୍ରୀତି



@ ଶଶିକାନ୍ତ



@ ଶକ୍ତି



@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଚିହ୍ନା ମହିଳାଙ୍କର ଗଳାକାଟି ହତ୍ୟା ମାମଲା | ୨୪ ଘଣ୍ଟା ପରେ ବି ମିଳିଲାନି ପରିଚୟ

ନୟାଗଡ/ଦଶପଲ୍ଲା,୧୩।୧୨(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି): ନୟାଗଡ଼ ପୋଲିସ ଜିଲାର ବାଣିଗୋଛା ଥାନା କୁଜାମେଣ୍ଡି ଓ ବଣି ଗାଁର ମଧ୍ୟବର୍ତ୍ତୀ ନିଛାଟିଆ ଜଙ୍ଗଲିଆ ଅଞ୍ଚଳରେ ଗୁରୁବାର ଜଣେ ମହିଳାଙ୍କର ମୃତଦେହ ଜବତ ହୋଇଥିଲା। ଘଟଣାର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ମୃତକଙ୍କର ସମ୍ପର୍କରେ ପରିଚୟ ମିଳିପାରିନି। ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଯାଇଛି। ପରିଚୟ ଜାଣିବା ପାଇଁ ମୃତଦେହକୁ ସଂରକ୍ଷଣ କରି ରଖାଯାଇଛି ବୋଲି ସୂଚନା ମିଳିଛି।



